୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.34 Bhubaneswar Saturday March 09 2024 | ୨୬ତମ ବର୍ଷ ସଂଖ୍ୟା–୩୪ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୦୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ମେଣ୍ଟ ଚର୍ଚ୍ଚାରେ ନୂଆମୋଡ: ବିଜେପି ଦୋହରାଇଲା ଏକା ଲଢ଼ିବୁ, ବିଜେଡି ନୀରବ, ସସ୍ପେନ୍ସ ଜାରି

ଭୁବନେଶ୍ୱର,୮ ।୩(ପି.ଏନ): ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ନିର୍ବାଚନୀ ମେଂଟ ଚର୍ଚ୍ଚା ଆଜି ପୁଣି ଥରେ ନୂଆମୋଡ ନେଇଛି । ମେଂଟକୁ ନେଇ ଗତ ଦୁଇଦିନ ଧରି ଚାଲିଥିବା ରାଜନୀତିକ ହଟଚମଟ ଓ ସମ୍ଭାବ୍ୟ ମେଂଟ ଚର୍ଚ୍ଚାରେ ଆଜି ପୁଣିଥରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ପୂର୍ବରୁ ମାର୍ଚ୍ଚ ୧ତାରିଖରେ ଦିଲ୍ଲୀରୁ ଫେରି ମନମୋହନ ସମ୍ଭାବ୍ୟ ମେଂଟ ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ରାଜ୍ୟ ବିଜେପି ପକ୍ଷରୁ ଆଜି ସକାଳେ ଓ ସନ୍ଧ୍ୟାରେ ଆନୁଷ୍ଠାନିକ ଭାବେ ଦୁଇଥର ମେଂଟ ସମ୍ଭାବନାକୁ ଖାରଜ କରାଯାଇଥିଲେ ମଧ୍ୟ ବିଜେଡି ଅସ୍ୱାଭାବିକ ନିରବତା ଅବଲମ୍ବନ କରିଛି । ବିଜେପି ରାଜ୍ୟ ନେତୃତ୍ୱଙ୍କ ଏଭଳି ଦମ୍ଭୋକ୍ତି ସତ୍ତ୍ୱେ ରାଜ୍ୟରେ ବିଜେଡି ସହ ମେଂଟକୁ ନେଇ ଏବେବି ସସପେନ୍ସ ଲାଗି ରହିଛି । ଆଉ ରାଜ୍ୟରେ ମେଂଟ ପାଇଁ ଆଗ୍ରହୀ ଥିବା ବିଜେଡି ଉପରେ ଚାପ ପକାଇ ନିଜ ପସନ୍ଦ ମୁତାବକ ଆସନ ନେବାକୁ ବିଜେପିର ଏହା ରଣନୀତି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି । ୩ ଦିନିଆ ଦିଲ୍ଲୀ ଗସ୍ତରୁ ଫେରିବା ପରେ ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା



ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ମେଂଟକୁ ନେଇ କୌଣସି ପ୍ରକାରର ଆଲୋଚନା ଦିଲ୍ଲୀରେ ହୋଇନାହିଁ । ବିଜେପି ରାଜ୍ୟରେ ଏକାକୀ ବିଧାନସଭା ଓ ଲୋକସଭା ନିର୍ବାଚନ ଲଢ଼ିବ । ଗତ ଦୁଇଦିନ ଧରି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ରାଜ୍ୟର ନିର୍ବାଚନୀ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହେଉଥିଲା । ବିଜେଡି ସହ ମେଂଟ ପାଇଁ କୌଣସି ପ୍ରକାରର ଆଲୋଚନାକୁ ସେ ଫାଙ୍କି ଦେଇଥିଲେ । ଗତ ମାର୍ଚ୍ଚ ୧ତାରିଖରେ ସେ ଦେଇଥିବା ବୟାନକୁ ଆଜି ମଧ୍ୟ ଦୋହରାଇଥିଲେ ।ତାଙ୍କ ପୂର୍ବରୁ ଆଜି ପୂର୍ବାହ୍ନରେ ରାଜ୍ୟ ବିଜେପି ଉପସଭାପତି ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ମେଂଟ କେବଳ କପୋଳକଳ୍ପିତ । ମେଂଟ ନେଇ କୌଣସି ନିଷ୍ପତ୍ତି କିମ୍ବା ଆଲୋଚନା ହୋଇନାହିଁ । ଓଡିଶାରେ ବିଜେପି ଏକାକୀ ଲ?ିଲେ ଭଲ ପ୍ରଦର୍ଶନ କରିବ ବୋଲି ସ୍ପଷ୍ଟ ଭାବେ କେନ୍ଦ୍ରୀୟ ନେତୃତ୍ୱଙ୍କ ପାଖରେ ରାଜ୍ୟ ନେତୃତ୍ୱ ମତ ରଖିଛନ୍ତି । ମେଂଟକୁ ନେଇ କେବଳ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଏପରିକି କିଛି ଗଣମାଧ୍ୟମ ଓ ସୋସିଆଲ ମିଡିଆ ମଧ୍ୟ ଆସନ ବୁଝାମଣାର ଖବର ପ୍ରସାରଣ କରୁଛନ୍ତି । ବିଜେପି ରାଜ୍ୟରେ ଏକାକୀ ଲ?ିବାର ବହୁତ ସମ୍ଭାବନା ରହିଛି ବୋଲି ସେ କହିଥିଲେ । ତାଙ୍କର ଏହି ବୟାନ ଉପରେ ବିଜେଡି ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଥିବାବେଳେ ସନ୍ଧ୍ୟାରେ ମନମୋହନ ମଧ୍ୟ ସମାନ କଥା ଦୋହରାଇ ମେଂଟ ସମ୍ଭାବନାକୁ ଖାରଜ କରିଦେଇଛନ୍ତି ।

## ଗୁପ୍ତେଶ୍ୱରପୀଠରେ ଭକ୍ତିମୟ ପରିବେଶ; ଭରୁ ବାବାଙ୍କୁ ଦର୍ଶନ କରୁଛନ୍ତି ହଜାରହଜାର ଭକ୍ତ

ଭୁବନେଶ୍ୱର,୮ ।୩(ପି.ଏନ): ଜାଗରଯାତ୍ରାକୁ ନେଇ କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଗୁପ୍ତ ?ଶ୍ୱରପୀଠରେ ଦେଖିବାକୁ ମିଳିଛି ଭକ୍ତିମୟ ପରିବେଶ। ଗୁପ୍ତେଶ୍ୱରଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରୁଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ହଜାର ହଜାର ଭକ୍ତ। ଶିବରାତ୍ରି ଉପଲକ୍ଷେ ଭରୁ ବାବା ଗୁପ୍ତ ?ଶ୍ୱରଙ୍କ ବିଭିନ୍ନ ନୀତି ସମ୍ପନ୍ନ କରାଯିବା ପରେ ସହାଣମେଳା ଦର୍ଶନରେ ଆସି ଭକ୍ତ ମାନେ ପୂଜା ଅର୍ଚ୍ଚନା କରୁଛନ୍ତି। ଧୂପ, ଦୀପ, ନଡ଼ିଆ,



କଦଳୀ ଧରି ବାବାଙ୍କ ନିକଟରେ ଭୋଗଲାଗି କରିବା ସହିତ ନିଜର ମାନସିକ ସଂପର୍କରେ ବାବାଙ୍କୁ ଜଣାଉଛନ୍ତି ଭକ୍ତ।

## ଲୋକସଭା ନିର୍ବାଚନ: ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ, ୱାୟନାଡରୁ ଲଢ଼ିବେ ରାହୁଲ



ଭୁବନେଶ୍ୱର,୮ ।୩(ପି.ଏନ): ଆସନ୍ତା ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି କଂଗ୍ରେସ। ଉଚ୍ଚସ୍ତରୀୟ ବୈଠକ ଓ ଇଣ୍ଡିଆ ମେଣ୍ଟରେ ଥିବା ସଦସ୍ୟଙ୍କ ସହ ଆଲୋଚନା କରିବା ପରେ କଂଗ୍ରେସ ୩୯ ଜଣ ପ୍ରାର୍ଥୀଙ୍କ ନାଁ ସାର୍ବଜନୀନ କରିଛି ।ତେବେ କର୍ଣ୍ଣାଟକାର ୨ଟି ଓ ତେଲଙ୍ଗାନରର ଗୋଟିଏ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲେ ଏହା ଉପରେ ସାମୟିକ ରୋକ ଲଗାଯାଇଛି। ଏହାର କାରଣ ସମ୍ପର୍କରେ କିନ୍ତୁ ପ୍ରାର୍ଥୀ ତାଲିକା ଘୋଷଣା କରିବା ବେଳେ କଂଗ୍ରେସର ସାଧାରଣ ସମ୍ପାଦକ କେସି ଭେନୁଗୋପାଲ କିଛି ବି କହି ନାହାନ୍ତି।

### ବିଜେଡିରୁ ଇସ୍ତଫା ଦେଲେ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ, ଖୁବ୍ ଶୀଘ୍ର ଜାତୀୟ ଦଳରେ ଯୋଗଦେବେ

ବାଲେଶ୍ୱର,୮ ।୩(ପି.ଏନ): ବିଜୁ ଜନତା ଦଳ(ବିଜେଡି)ର ପ୍ରାଥମିକ ସଦସ୍ୟ ପଦରୁ ଆଜି ଇସ୍ତଫା ଦେଇଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା। ଆଜି ଅପରାହ୍ନ ୪ଟା ବେଳେ ବାଲେଶ୍ୱର ସହର ଉପକଣ୍ଠ ସରସ୍ୱତୀପୁରସ୍ଥିତ ହେରିଟେଜ କଲ୍ୟାଣମଣ୍ଡପରେ ସାମ୍ବାଦିକ ସମ୍ମିଳନୀ ଡକାଇ ଶ୍ରୀ ଜେନା ଏହି ସୂଚନା ଦେଇଛନ୍ତି।

### ଦେବଗିରି ଶୈବପୀଠରୁ ଦୁଃଖଦ ଖବର, ମହାଦେବଙ୍କୁ ଦର୍ଶନ ପାଇଁ ଯିବାବେଳେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଭୁବନେଶ୍ୱର,୮ ।୩(ପି.ଏନ): ପବିତ୍ର ଶିବରାତ୍ରୀରେ ରାୟଗଡାର ଏକ ଶୈବପୀଠରୁ ଦୁଃଖଦ ଖବର ସାମ୍ନାକୁ ଆସିଛି । ଏଠିକାର ଦେବଗିରି ଶୈବପୀଠରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି । ମହାଦେବଙ୍କୁ ଦର୍ଶନ ପାଇଁ ଯିବାବେଳେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ଜାଗରରେ କଲ୍ୟାଣସିଂହପୁର ଦେବଗିରି ଶୈବପୀଠରେ ଏହି ଅଘଟଣ ଘଟିଛି ।

## ନିର୍ବାଚନୀ ବଣ୍ଡ: ସୋମବାର ଏସ୍.ବି.ଆଇର ଆବେଦନ ଶୁଣିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮ ।୩(ପି.ଏନ): ନିର୍ବାଚନୀ ବଣ୍ଡ ସମ୍ପର୍କରେ ବିସ୍ତୃତ ତଥ୍ୟ ସାର୍ବଜନୀନ କରିବାକୁ ଏସ୍‌ବିଆଇ ମାଗିଥିବା ଅଧିକ ସମୟ ସଂକ୍ରାନ୍ତ ଆବେଦନ ଉପରେ ଶୁଣାଣି କରିବେ ସୁପ୍ରିମକୋର୍ଟ। ଆସନ୍ତା ମାର୍ଚ୍ଚ ୧୧ ତାରିଖରେ ସର୍ବୋଚ୍ଚ ଅଦାଲତ ଏସବିଆଇର ସମୟ ବୃଦ୍ଧି ଆବେଦନର ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏସ୍‌ବିଆଇ କରିଥିବା ଆବେଦନ ଉପରେ ଚୂଡାନ୍ତ ରାୟ ଶୁଣାଇବେ। ଫେବୃଆରୀ ୧୫ରେ ସର୍ବୋଚ୍ଚ ଅଦାଲତ ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ କହିବା ସହ ଏସ୍ ?ବିଆଇକୁ ଏହା ସହ ଜଡିତ ସମସ୍ତ ତଥ୍ୟକୁ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଦେବାକୁ କହିଥିଲେ। ହେଲେ ରାୟ ପ୍ରାୟ ୨ ସପ୍ତାହ ପରେ ଏସବିଆଇ ସାମ୍ନାକୁ ଆସିବା ସହ ନିର୍ବାଚନୀ ବଣ୍ଡ ସମ୍ପର୍କିତ ତଥ୍ୟ ଦେବାର ସମୟସୀମାକୁ ଜୁନ




୩୦ ଯାଏ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛି ।ଏସବିଆଇର ଏପରି ଆବେଦନକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏଥିସହ ଏଡିଆର ପକ୍ଷରୁ ଏସବିଆଇ ବିରୋଧରେ ଅଦାଲତ ଅବମାନନା ଆବେଦନ ମଧ୍ୟ ସର୍ବୋଚ୍ଚ ଅଦାଲତରେ ଦାଖଲ କରାଯାଇଛି। ଏହି ଆବେଦନର ଶୁଣାଣି ମଧ୍ୟ ସୋମବାର ହେବ। ଏହାପୂର୍ବରୁ ଆଉ ୨ଟି ଏନଜିଓ ମଧ୍ୟ ଏସବିଆଇ ଜାଣିଶୁଣି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରି ନଥିବା ଅଭିଯୋଗ କରି ପିଟିସନ ଦାଖଲ କରିଛନ୍ତି।

## ୭ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ: ରାଜ୍ୟର ୫ ଜିଲ୍ଲାରେ ସୃଷ୍ଟି ହେବ ୨୪,୫୫୨ କର୍ମନିଯୁକ୍ତି

ଭୁବନେଶ୍ୱର,୮ ।୩(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ୩୫ତମ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ (ଏଚ୍ଏଲସିଏ) ବୈଠକରେ ୭ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ୮୦,୧୨୫ କୋଟିର ଏହି ପ୍ରକଳ୍ପ ସ୍ଥାପନ ହେବା ଫଳରେ ରାଜ୍ୟର ୫ଟି ଜିଲ୍ଲାରେ ୨୪,୫୫୨ ଜଣଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ । ଜଗତସିଂହପୁର, ଖୋର୍ଦ୍ଧା, ଗଞ୍ଜାମ ଓ ଭଦ୍ରକ ଜିଲ୍ଲାରେ ଇସ୍ପାତ, ଔଷଧ, ସବୁଜ ଶକ୍ତି ଓ କେମିକାଲି ଆଦି ପ୍ରକଳ୍ପ ସ୍ଥାପନ ନେଇ ନିଷ୍ପତ୍ତି ନିଆଯାଇଛି । ଜଗତସିଂହପୁର ଜିଲ୍ଲାରେ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ ପାଇଁ ୱାରୀ କ୍ଲିନ୍ ଏନର୍ଜୀ ସଲ୍ୟୁସନ୍ସ ୧୨,୪୮୦ କୋଟି ନିବେଶ କରିବ । ସେଥିରେ ୩୨୫୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ । ୬୩୩୦ କୋଟି ନିବେଶ କରି ଇଜି ସୋଲଓ୍ୱିନ



ହାଇବ୍ରିଡ ପ୍ରା.ଲିଃ ଗୋପାଳପୁର ଏସଇଜେଡରେ ଗ୍ରୀନ ଆମୋନିଆ ଉତ୍ପାଦନ କରିବ । ସେଥିରେ ୧୦୫୦ ଲୋକଙ୍କୁ ନିଯୁକ୍ତି ମିଳିବ । ୨୧,୦୦୦ କୋଟି ନିବେଶ କରି ଝାରସୁଗୁଡାଠାରେ ଅକ୍ସନ ଇସ୍ପାତ କାରଖାନା ସ୍ଥାପନ କରିବେ । ସେଥିରେ ୧ ହଜାର ଲୋକ ନିଯୁକ୍ତି ପାଇବେ । ଗ୍ରାନୁଏଲ୍ସ ଲାଇଫ୍ ସାଇନ୍ସେସ ପ୍ରାଇଭେଟ ଲିଃ ଗୋପାଳପୁର ଏସଇଜେଡରେ ୧୧୦୦ କୋଟି ନିବେଶ କରି ମେଡିସିନ କାରଖାନା ସ୍ଥାପନ କରିବ । ସେଥିରେ ୧୪୮୦ ଜଣଙ୍କୁ ନିଯୁକ୍ତି ମିଳିବ । ଖୋର୍ଦ୍ଧାରେ ୩୫,୬୦୦ କୋଟି ନିବେଶ କରି ଏସିଏମଇ ଗ୍ରୀନଟେକ ଉର୍ଜା ପ୍ରାଃ ଲିଃ ଶକ୍ତି ଉପକରଣ ପ୍ରସ୍ତୁତ କରିବ । ସେଥିରେ ୬୨୭୨ ଜଣ ନିଯୁକ୍ତି ପାଇବେ ।

## ୩୩ ପ୍ରତିଶତ ଆସନରେ ମହିଳା ପ୍ରାର୍ଥୀ ଦେବ ବିଜେଡି

ଭୁବନେଶ୍ୱର,୮ ।୩(ପି.ଏନ): ଗତଥର ଭଳି ଆସନ୍ତା ଲୋକସଭା ନିର୍ବାଚନରେ ବିଜେଡି ୩୩ ପ୍ରତିଶତ ଆସନରେ ମହିଳା ପ୍ରାର୍ଥୀ ଦେବ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତି ନେଇଛନ୍ତି । ଏନେଇ ସୂଚନା ଦେଇଛନ୍ତି ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଆଜି ବିଜେଡି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କହିଛନ୍ତି, ମହିଳା ସଶକ୍ତିକରଣରେ ମହିଳାଙ୍କୁ ନିଷ୍ପତ୍ତି ନେବାର କ୍ଷମତା ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।୨୦୧୯ ଲୋକସଭା ନିର୍ବାଚନରେ ନବୀନ ପଟ୍ଟନାୟକ ୩୩ ପ୍ରତିଶତ ମହିଳାଙ୍କୁ ଲୋକସଭା ପ୍ରାର୍ଥୀ କରିଥିଲେ । ଉଭୟ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ନବୀନ ଉଦ୍ୟମ କରିଆସୁଛନ୍ତି । ବିଜୁ ଜନତା ଦଳ ମହିଳାଙ୍କ ସମ୍ମାନ, ସମାନତା ଓ ସଶକ୍ତିକରଣ ପାଇଁ ସମର୍ପିତ । ଆଜି ଏହି ଶୀର୍ଷକରେ ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦବୋଧନ



ଦେଇଥିଲେ । ବିଜୁ ଜନତା ଦଳ ଏକ ରାଜନୈତିକ ଦଳ ନୁହେଁ, ଏକ ସାମାଜିକ ଆନ୍ଦୋଳନ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳା ସଂରକ୍ଷଣ ୫୦ ପ୍ରତିଶତକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଥିଲେ । ସେହିପରି ଜିଲ୍ଲା ପରିଷଦରେ ମୁଖ୍ୟମନ୍ତ୍ରୀ ୭୦ ପ୍ରତିଶତ ମହିଳାଙ୍କୁ ସଭାନେତ୍ରୀ କରିଛନ୍ତି ବୋଲି ସେ କହିଛନ୍ତି । ରାଜ୍ୟରେ ବିନା ସୁଧରେ ମିଶନ ଶକ୍ତି ମାଆମାନଙ୍କ ଋଣ ପରିମାଣ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୯୫ ପ୍ରତିଶତ ମହିଳା ୧୫ ହଜାର କୋଟି ଟଙ୍କା ଋଣ ନେଇ ଉଦ୍‌ଯୋଗୀ ହେଲେଣି । ଆଗାମୀ ଦିନରେ ଋଣର ପରିମାଣ ୨୦ ହଜାର କୋଟିରେ ପହଞ୍ଚିବ । ମାଆମାନେ ପାସପୋର୍ଟ ଅଫିସରେ ଲମ୍ବା ଲାଇନ ଲଗାଉଛନ୍ତି । ୮୦୦ରୁ ଅଧିକ ମିଶନ ଶକ୍ତି ମହିଳାଙ୍କୁ ଉଦ୍‌ଯୋଗୀ କରି ଦୁବାଇ ଓ ସିଙ୍ଗାପୁରରେ ବ୍ୟବସାୟ କରିବାକୁ ପଠାଇଲେଣି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଦେଇଥିବା ଦାୟିତ୍ୱକୁ ସ୍ୱଚ୍ଛ ଓ ସଠିକ୍ ଭାବେ ନିର୍ବାହ କରିବାକୁ ଆହ୍ୱାନ ଦେଇଛନ୍ତି ୫ଟି ଅଧ୍ୟକ୍ଷ । ସଶକ୍ତ ଓ ନୂତନ ଓଡ଼ିଶା ଗଠନ ପାଇଁ ନିର୍ବାଚିତ ମହିଳାମାନଙ୍କୁ ନିଷ୍ପତ୍ତି ନେବାର କ୍ଷମତା ଉପରେ ଗୁରୁତ୍ୱ ଦେଇଛନ୍ତି ୫–ଟି ଅଧ୍ୟକ୍ଷ । ମହିଳା ସଶକ୍ତିକରଣ ଆରମ୍ଭ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ଏହାକୁ ଆହୁରି ଆଗକୁ ନେଇ ମହିଳା ସଶକ୍ତିକରଣର ରୋଲ ମଡେଲ ସାଜିଛନ୍ତି ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମାତୃତ୍ୱକାଳୀନ ଛୁଟି ସମସ୍ତଙ୍କ ଲାଗି ଲାଗୁ ହୋଇଛି । କାର୍ଯ୍ୟକାରୀ ହେଉଛି ମମତା ଯୋଜନା । ଏହି ଯୋଜନାରେ ପୂର୍ବରୁ ଗର୍ଭବତୀ ମହିଳା ୫ ହଜାର ଟଙ୍କା ପାଉଥିଲେ । ଏବେ ୧୦ ହଜାର ଟଙ୍କା ବ୍ୟବସ୍ଥା ହୋଇଛି । ଏହାର ଦେଢ଼ ବର୍ଷ ପରେ ତତ୍କାଳୀନ କେନ୍ଦ୍ର ସରକାର ଇନ୍ଦିରା ଗାନ୍ଧୀଙ୍କ ନାଁରେ ଏପରି ଏକ ଯୋଜନା ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନାକୁ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଅନୁକରଣ କରୁଛନ୍ତି ।

## ରାଜସ୍ଥାନରୁ ଆଣି ଓଡିଶା ଓ ଝାରଖଣ୍ଡରେ ବିକ୍ରି କରୁଥିଲେ, ବାନ୍ଧିଲା ଏସ୍‌ଟିଏଫ୍





ଭୁବନେଶ୍ୱର,୮ ।୩(ପି.ଏନ): ରାଉରକେଲା ପୁଲିସ୍ ସହାୟତାରେ ପାନପୋଷରେ ଚଢ଼ାଉ କରି ଏସ୍ ?ଟିଏଫ୍ ୧୦ କେଜି ୫୦୮ ଗ୍ରାମ ଅଫିମ ଜବତ କରିବା ସହିତ ଦୁଇ ଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି। ଏସ୍‌ଟିଏଫ୍ ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏକା ଥରକେ ଏତେ ପରିମାଣରେ ଅଫିମ ପୂର୍ବରୁ କେବେ ଜବତ ହୋଇ ନଥିଲା ।ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି– ବିଟୁ ସିଂହ ମୁଣ୍ଡା (୪୬) ଓ ରୋହିତ ମୁଣ୍ଡା (୪୯)। ଉଭୟଙ୍କ ଘର ଝାରଖଣ୍ଡର ଖୁଣ୍ଟି ଜିଲ୍ଲାର ସିଗିଡରେ। ତଦନ୍ତ ବେଳେ ଜଣାପଡିଛି ଯେ ଏହି ଦୁଇ ଜଣ ଓ ସେମାନଙ୍କର ଅନ୍ୟ କିଛି ସାଥୀ ରାଜସ୍ଥାନରୁ ଅଫିମ ସଂଗ୍ରହ କରି ଝାରଖଣ୍ଡ ସହିତ ଓଡିଶାର ସୁନ୍ଦରଗଡ ଓ ରାଉରକେଲାରେ ବିକ୍ରି କରୁଥିଲେ। ସେମାନଙ୍କ ଅନ୍ୟ ସାଥୀମାନେ ଗିରଫ ହୋଇନାହାନ୍ତି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଣ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




**ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୦୯**

# ମହାଶିବ ରାତ୍ରୀର ଗୁଢ଼ ତ ୍ୱ


ଉମାଶଙ୍କର ପ୍ରସାଦ

‘ବନ୍ଦେବୋଧମୟ ନିତ୍ୟମ୍
ଗୁରୁ ଶଙ୍କର ରୂପୀଣମ୍’
ଯମାଶ୍ରିତୋହି ବକ୍ରୋପି ଚନ୍ଦ୍ର
ସର୍ବତ୍ର ବନ୍ଦତେ ।।

ଗୁରୁଙ୍କୁ ଶଙ୍କର ରୂପରେ ପ୍ରତିଷ୍ଠିତ କରାଯାଇଛି କାରଣ ଶଙ୍କର ପରି ଗୁରୁଙ୍କୁ ଆଶ୍ରିତ କରି ବଙ୍କାଚନ୍ଦ୍ର ମଧ୍ୟ ସର୍ବତ୍ର ପୂଜା ପାଉଅଛି । ଠିକ୍ ସେହିପରି ଯାହାର କର୍ମ କରିସୁଦ୍ଧା ଭାଗ୍ୟର ବିଡମ୍ବନା ଲାଗିରହିଛି । ସେ ବ୍ୟକ୍ତି ଯଦି କାୟମନୋ ବାକ୍ୟରେ ଜଗଦ୍‌ଗୁରୁ ଶଙ୍କରଙ୍କୁ ହୃଦୟର ସହ ଧ୍ୟାନ କରିବ । ସେ ମଧ୍ୟ ବଙ୍କା ଚନ୍ଦ୍ର ପରି ସର୍ବତ୍ର ପୂଜିତ ହେବେ । ବ ର୍ମାନ ଯଦି ଶିବ ଅର୍ଥକୁ ପର୍ଯ୍ୟାଲୋଚନା କରାଯାଏ, ଶିବର ଅର୍ଥ ସର୍ବଜ୍ଞ, ଚିରନ୍ତନ, ଶାଶ୍ୱତ, ସନାତନ, “ଶିବ” ଶ+ଇ+ବ । ଯଦି ମଧ୍ୟମାକ୍ଷରକୁ ବିଲୋପ କରାଯାଏ ଶିବ ଶବରେ ପରିଣତ ହୋଇଯାଆନ୍ତି । ଯେପରି ଶିବ = ଜଡବତ୍ । ତେଣୁ ଏତିକି କୁହାଯାଇପାରେ ଯେ, ଜୀବର ଚେତନା ଶକ୍ତି ହିଁ ଶିବ । ଜୀବକୁ ଯିଏ ସୁଖ ପ୍ରଦାନ କରେ, ପାପତାପରୁ ମୁକ୍ତ କରେ, ସଂସାର ଜଞ୍ଜାଳରୁ ମୋକ୍ଷ କରେ ଓ ସକଳର କଲ୍ୟାଣ କରିଥାଏ ସେ ହେଉଛନ୍ତି ଶିବ । ଯିଏ ସଦା ଜାଗ୍ରତ, ସ୍ୱପ୍ନ ସୁସୁପ୍ତି ଅବସ୍ଥାରୁ ଉପରକୁ ଉଠିଛି ସେ ଶିବ । ଯାହାଙ୍କର ଆଦି, ଅନ୍ତ, ଜନ୍ମ, ମୃତ୍ୟୁ, ଜାତି, ଗୋତ୍ର, ଆକାର ଜନକ, ଜନନୀ କେହି ନାହିଁ ସେ ହେଉଛନ୍ତି ଶିବ । ସୃଷ୍ଟି, ସ୍ଥିତି ଓ ବିଲୟର ପରମାତ୍ମା ପରମବ୍ରହ୍ମ ।

ଉପନିଷେଦ କହେ ଶିବ ଓ ଜୀବ ଅଭିନ୍ନ ଅର୍ଥାତ୍ “ଶିବୋହଂ, ଶିବୋହଂ” । ଶିବ ଗୁରୁଣାମ୍ ଗୁରୁ ସେ ପରମପିତା ବେଦାନୁସାରେ ଶିବ ହେଉଛନ୍ତି ଅଗ୍ନିତ ୍ୱ ଯାହା ଅପରିବ ର୍ନୀୟ । ଅଗ୍ନିର ସ୍ୱଭାବ ଉର୍ଦ୍ଧଗାମୀ ଓ ଅଗ୍ରଗାମୀ ମଧ୍ୟ । ସେ ସବୁଠାରୁ ଶ୍ରେଷ୍ଠ ଶକ୍ତି ଯଥା ଶିବଙ୍କର ତୃତୀୟ ନେତ୍ର ହିଁ ଅଗ୍ନି । ଅଥର୍ବ ବେଦ କହେ ଶିବଙ୍କର ସ୍ୱରୂପ ହେଉଛି ‘ପଶୁପାଳକ’ । ପଶୁତ ୍ୱର ଅର୍ଥ ହେଉଛି ଜୀବ । ଜୀବକୁ ଯିଏ ପାଳନ କରେ ସେ ହିଁ ଶିବ । ଶିବ ଶବ୍ଦରେ ଥିବା ‘ଇ’ ସ୍ୱରୂପ ହେଉଛି ଆହ୍ଲାଦିନୀ ଶକ୍ତି ଯାହାକୁ ସମସ୍ତ ପୁରାଣ, ଉପ-ପୁରାଣ, ଆଦ୍ୟାଶକ୍ତି, ଜଗଦମ୍ବା ଓ ଆଦିମାତା ରୂପେ ଆଖ୍ୟା ଦେଇଅଛି । ଆହ୍ଲାଦିନୀ ଶକ୍ତିର ଅଭାବରେ ପରମାତ୍ମା ସାକାର ରୂପ ଧାରଣ କଲେ ଜଡ ଜୀବନଦାନ ପାଇଥାଏ । ଜଗତର ସୃଷ୍ଟି ପାଇଁ ପିଣ୍ଡ ଓ ବ୍ରହ୍ମାଣ୍ଡ ଉଭୟ ଦରକାର । ଶିବ ଓ ଶକ୍ତିର ମିଶ୍ରଣରେ ଏ ସଂସାର । ଶିବ ପୁରୁଷ ହେଲା ବେଳେ ଶକ୍ତି ହେଉଛନ୍ତି ନାରୀ । ଶିବ ହେଉଛନ୍ତି ସକଳ ଜ୍ଞାନ ଓ ପ୍ରଜ୍ଞାର ଆଧାର । ସେ ମଙ୍ଗଳମୟ, ସେ ସମସ୍ତଙ୍କର ପ୍ରାର୍ଥନା ଯଥା ଚଣ୍ଡାଳଠାରୁ ବ୍ରାହ୍ମଣ ଯାଏ ଦେବତାଠାରୁ ଦାନବ ପର୍ଯ୍ୟନ୍ତ ପ୍ରାର୍ଥନା ଶୁଣି ମନବାଞ୍ଛା ଫଳ ପ୍ରଦାନ କରଥାନ୍ତି । କାରଣ ସେ ଆଶୁତୋଷ, ଯିଏ ଅଳ୍ପକେ ସନ୍ତୁଷ୍ଟ ହୁଅନ୍ତି । ଶିବ ଦର୍ଶନ ହେଉଛି ବେଦାନ୍ତର ସର୍ବଶ୍ରେଷ୍ଠ ଦର୍ଶନ । ସେହିପରି ନୀଳାଚଳ କ୍ଷେତ୍ର ପୁରୀକୁ ଯାଇ ଭାବ ବିନୋଦିଆ ଜଗନ୍ନାଥଙ୍କୁ ଦର୍ଶନ କରିବା ଆଗରୁ ପ୍ରଥମେ ଯଦି କାଶୀ ବିଶ୍ୱନାଥଙ୍କୁ ଦର୍ଶନ ନକର ତେବେ ଜଗନ୍ନାଥ ଦର୍ଶନର ପୂର୍ଣ୍ଣଫଳପ୍ରାପ୍ତି ହୋଇ ନଥାଏ । ବେଦ ପ୍ରମାଣ କରିଛି ଯାହାର ଜୀବନ ଅଛି ସେ ହିଁ ଶିବ ଭକ୍ତ । ଶିବଙ୍କ ବଦନ ସଂଖ୍ୟା ୫ଟି । ତାଙ୍କର ସର୍ବାଧିକ ଲୋକପ୍ରିୟ ମନ୍ତ୍ରର ସଂଖ୍ୟା ୫ଅକ୍ଷର ବିଶିଷ୍ଟ “ନମଃ ଶିବାୟ” ଏହି ମନ୍ତ୍ର ପୂର୍ବରୁ ଯେଉଁ “ଓଁ” ଲାଗେ ତାହା ହେଉଛି ପ୍ରଣବ ମନ୍ତ୍ର (ଉ, ଅ, ମ) । ତ୍ରିଶକ୍ତି, ତ୍ରିଗୁଣ ଓ ତ୍ରିଧାରର ପ୍ରତୀକ । ଯଦି ଏହି ମହାନ ମନ୍ତ୍ରକୁ ବିବେଚନା କରାଯାଏ । ‘ନ’ର ଅର୍ଥ ପୃଥିବୀ ଓ ବ୍ରହ୍ମା (ସୃଷ୍ଟି), ‘ମ’ର ଅର୍ଥ ବିଷ୍ଣୁ (ପାଳନ), ‘ସି’ର ଅର୍ଥ ଅଗ୍ନି ଓ ରୁଦ୍ର (ସଂହାର), ‘ବା’ର ଅର୍ଥ ବାୟୁ ଓ ମହେଶ୍ୱର, ‘ୟ’ର ଅର୍ଥ ଆକାଶ । ଏହି ପ କ୍ଷର ମନ୍ତ୍ରରେ ସୃଷ୍ଟି, ସ୍ଥିତି, ବିଲୟ ଓ ପ ତ ୍ୱ ନିହିତ ଅଛି । ଶିବ ହେଉଛନ୍ତି ଧର୍ମର ରକ୍ଷକ ତେଣୁ ତାଙ୍କର ଅନ୍ୟନାମ ବୃଷଧ୍ୱଜ । ବୃଷ ହେଉଛି ଧର୍ମର ପ୍ରତୀକ । ତେଣୁ ଶିବ ହେଉଛନ୍ତି ପରମ ଧର୍ମଧାରୀ । ଶିବଙ୍କର ଯେତେଯେତେ ଉପବାସ ବା ପର୍ବପର୍ବାଣୀ ଅଛି ତାହା ମଧ୍ୟରୁ ମହାଶିବରାତ୍ରୀ ଅନ୍ୟତମ ଓ ସର୍ବୋତ୍କୃଷ୍ଟ । ପୁରାଣରେ ଯେଉଁ ଚାରୋଟି ରାତ୍ରିର ଆଲୋଚନା କରାଯାଇଛି ଯଥା “ମହାରାତ୍ରୀ, ମୋହରାତ୍ରୀ, କାଳରାତ୍ରୀଷ୍ଟଦାରୁଣା’ । ଏହି ଶବିରାତ୍ରିକୁ ମହାଶିବ ରାତ୍ରୀ ରୂପେ ବର୍ଣ୍ଣନା କରାଯାଇଛି । ଠିକ୍ ସେହିପରି ଜନ୍ମାଷ୍ଟମୀକୁ ମୋହରାତ୍ରୀ, ଦୁର୍ଗାଷ୍ଟମୀକୁ କାଳରାତ୍ରୀ ଓ ଦୀପାବଳୀକୁ ଦାରୁଣା ରୂପେ ବର୍ଣ୍ଣନା କରାଯାଇଛି । ମହାଶିବରାତ୍ରୀ କହିଲେ ଆମ୍ଭେ ଫାଲ୍‌ଗୁନ ମାସ (ଶାସ୍ତ୍ର ମତରେ ମାଘମାସ) । କୃଷ୍ଣ ପକ୍ଷ ଚର୍ତୁଦଶ ତିଥିକୁ ହିଁ ବୁଝି ଥାଉ । ଏହି ଶିବରାତ୍ରୀର ମହିମା ଅନେକ ଅଛି । ଶିବରାତ୍ରୀର ମହୀମା, ବେଦ, ବେଦାନ୍ତ, ମହାଭାରତ ଓ ଉପନିଷଦରେ ବହୁଳ ଭାବରେ ବର୍ଣ୍ଣନା କରାଯାଇଛି । ଯାହା ପ୍ରାୟତଃ ଉଣା ଅଧିକେ ସମସ୍ତେ ଜାଣିଛନ୍ତି । ପାର୍ବତୀଙ୍କ ଜିଜ୍ଞାସାକୁ ସାନ୍ତ୍ୱନା ଦେଇ ପରମପିତା ଭବବାନ ଶିବ କହିଛନ୍ତି “ଦେବୀ’ ଫାଲଗୁନ ମାସର କୃଷ୍ଣଚର୍ତୁଦଶୀ ହିଁ ମୋ ପୂଜା ପାଇଁ ସର୍ବୋତ୍କୃଷ୍ଟ । ଶିବ ତ୍ରିଲୋଚନ ଯାହାର ତୃତୀୟ ନେତ୍ର ଉନ୍ମିଳିତ ହେଲେ ମୋକ୍ଷର ମାର୍ଗ ସୁଗମ ହୋଇଥାଏ । ସେ ସତ୍ୟ ଶିବ ସୁନ୍ଦର । ଶିବରାତ୍ରୀର ଅନ୍ୟନାମ ଜାଗ ବା ଉଜାଗର । ନିଜ ପରିବାରର କ୍ଷୁଧା ମେ ଇବା ପାଇଁ ଶବର ଅଜ୍ଞାତରେ ବୃକ୍ଷ ଉପରେ ଚଢ଼ି ଶିକାର ଅପେକ୍ଷାରତ ଥିଲେ ମଧ୍ୟ ବୃକ୍ଷ ନିମ୍ନସ୍ଥ ଭୂମି ଉପରେ ଗୋଟିଏ ଗୋଟିଏ ପତ୍ର ପକାଉଥିଲା ଯାହା ପୂର୍ଣ୍ଣ ରାତ୍ରୀ ଉଜାଗର ରହି ଅଜ୍ଞାତ ସାରରେ ନିଜ ପରିବାରର ଚିନ୍ତା କରି ମଧ୍ୟ ସେ ଆଶୁତୋଷ ଶିବଙ୍କୁ ଦର୍ଶନ ପାଇଲା । ଯାହା କି ଶିବଙ୍କ ‘ପଶୁପାଳକ’ ନାମକୁ ସାର୍ଥକ କରିଛି । ଶାସ୍ତ୍ରୋକ୍ତ ମତରେ ସାରା ରାତ୍ରି ଉଜାଗର ରହି ଶିବଚିନ୍ତା କରିବା ସହ ଶରୀରର ପ୍ରତ୍ୟେକ ଇନ୍ଦ୍ରିୟୀର ଉପବାସ ଅର୍ଥ ସଂଜମତା ରକ୍ଷା କରିପାରିଲେ ଶିବ ପ୍ରସନ୍ନ ହୋଇ ଭକ୍ତଙ୍କୁ ଅଭିଷ୍ଟ ଫଳ ପ୍ରଦାନ କରିଥାନ୍ତି । ଯଥା ଦର୍ଶନେନ୍ଦ୍ରୀୟରେ ଖରାପ ଦୃଶ୍ୟକୁ ଦୃଷ୍ଟି ନକରିବା, ରସାନାନ୍ଦ୍ରୀୟରେ ବାକ୍ୟର ସଂଜମତା ରକ୍ଷା କରି ପ୍ରଭୁଙ୍କ ନାମ କୀ ର୍ନ, ଘ୍ରାଣେନ୍ଦ୍ରୀୟର ସଂଜମତା ରକ୍ଷା କରି ଆସୁରୀକ ଖାଦ୍ୟର ବାସ୍ନାତ୍ୟାଗ । ଏହିପରି ଭାବେ ଆହାର, ନିଦ୍ରା, ମୈଥୁନ, ମୋହ, ମାୟା, ରାଗ, ହିଂସାଠାରୁ ନିଜକୁ ଦୂରେଇ ରଖି ନିଷ୍ଠା ଓ ଭକ୍ତିର ସହ ଦୀପ ଜାଳି ଜଗତ୍‌ଗୁରୁ ନିଜ ଜୀବନରେ ଥିବା ସମସ୍ତ ଅନ୍ଧାରକୁ ଦୂରିଭୂତ କରି ଆଲୋକ ମାର୍ଗ ଦେଖାଇବା ପାଇଁ ଆଶିର୍ବାଦ ଭିକ୍ଷା କଲେ ମହାପ୍ରଭୁ ଅଚିରେ ନିଜର କୃପାବାରି ପ୍ରଦାନ କରିଥାନ୍ତି । ଶିବରାତ୍ରୀକୁ ଚାରୋଟି ପ୍ରହରରେ ବିଭକ୍ତ କରାଯାଇଛି, ପ୍ରଥମ ପ୍ରହର ସନ୍ଧ୍ୟା ସମୟ ଯାହା ରଜୋଗୁଣର ପ୍ରତୀକ, ଏହି ସମୟରେ ଶିବଲିଙ୍ଗ ଉପରେ ଦୁଗ୍ଧ ଓ ତ୍ରିଶାଖା ବେଲପତ୍ର ପ୍ରଦାନ କରାଯାଇଥାଏ । ଦ୍ୱିତୀୟ ପ୍ରହର ତମଗୁଣର ପ୍ରତୀକ, ଏହା ସନ୍ଧ୍ୟାର ପର ସମୟ, ଏହି ସମୟରେ ଶିବଙ୍କର ଅଘୋର ରୂପ, ଏହି ସମୟରେ ଶିବଲିଙ୍ଗକୁ ଦଧିରେ ଅଭିଷେକ କରାଯାଏ... ତୃତୀୟ ପ୍ରହର ସ ୍ୱଗୁଣ ଏହାର ଅବଧି ଅଧିକ ରାତ୍ରୀ ଏହା ଶିବଙ୍କ ବାମଦେବ ସ୍ୱରୂପ । ଏହି ସମୟରେ ଶିବ ଲିଙ୍ଗକୁ ଘୃତରେ ଅଭିଷେକ କରାଯାଏ । ଉଦଣ୍ଡ ନୃତ୍ୟରେ ଶିବ କୀ ର୍ନ କରାଯାଏ । ଚତୁର୍ଥ ପ୍ରହର ଗୁଣାତୀତ ଏହା ରାତ୍ରୀର ଅନ୍ତିମ ପ୍ରହର, ଏହା ଶିବଙ୍କ ଶାନ୍ତ, ସଦାଶିବ ଓ ଧାତୁ ସ୍ୱରୂପ, ଏହି ସମୟରେ ଶିବ ଲିଙ୍ଗକୁ ମଧୁରେ ଅଭିଷେକ କରାଯାଏ । ଶିବ ରାତ୍ରୀରେ ମହାଦୀପ ଉଠିବାର ଅର୍ଥ ଭକ୍ତମାନେ ଶିବଙ୍କୁ କୃପା ଭିକ୍ଷା କରିଥାନ୍ତି । ହେ ପ୍ରଭୁ, ଆମର ଅଜ୍ଞାନତା ରୂପ ଅନ୍ଧାରକୁ ନାଶ କରି ହୃଦୟରେ ଜ୍ଞାନାଲୋକ ଜାଗ୍ରତ କଲେ ଜୀବତ୍ମା ଶାନ୍ତି ଲାଭ କରିବା ସହ ସତ୍ୟ ଶିବ ସୁନ୍ଦରର ଏକ ମହାନସୃଷ୍ଟି ହସି ଉଠିବ ।

ଶେଷରେ ଭକ୍ତ ଗାଇ ଉଠେ :
କ୍ଷମ ଅପରାଧ ହେ କ୍ଷମାନିଧ
କରେ ବିନତୀ
କ୍ଷଣେ ଏ ଚଣ୍ଡାଳ ଉମାର
ବାରେ ହର ଦୁର୍ଗତୀ ।

*କିମଧିକଂ*
*ସଂପାଦକ, ମାର୍ଗଦର୍ଶୀ*
*ଭଗତଲେନ୍, ଖୋରଧା*

# ରାଜନୀତି ବନାମ ଦୁର୍ନୀତି


ପ୍ରଦୀପ୍ତ କୁମାର ଜେନା

ଦୁଇଟି ସଂସ୍କୃତ ଶବ୍ଦର ସମ୍ମିଶ୍ରଣରେ ଯଥା– ରାଜନ ପ୍ଲସ ନୀତି ଅର୍ଥାତ ରାଜା ବା ଶାସକମାନଙ୍କ ନୀତି ବା ପଲିସିକୁ ରାଜନୀତି କୁହାଯାଏ । ଅତୀତରେ ରାଜ ନେତାମାନଙ୍କର ସମାଜରେ ଏକ ସମ୍ମାନ ଜନକ ସ୍ଥାନ ଥିଲା । ଆଜି ନେତାମାନଙ୍କ ପ୍ରତି ଜନସାଧାରଣଙ୍କ ଆଉ ସେପ୍ରକାର ସମ୍ମାନବୋଧ ନାହିଁ, କାରଣ ନେତାମାନେ ନୀତି ନୈତିକତା ଓ ଆଦର୍ଶଠାରୁ ଦୁରେଇ ଯାଇ କେବଳ ସମ୍ପତି ଆହରଣ କରିବା ନିଶାରେ ମଜ୍‌ଗୁଲ୍ । ଆଜିର ଦିନରେ ଦୁର୍ନୀତି ଶବ୍ଦର ପରିଭାଷା ବଦଳି ଯାଇଛି । ଦୁର୍ନୀତି ଆଜି ନୀତିରେ ପରିଣତ ହୋଇଛି । ରାଜନୀତି ଓ ଦୁର୍ନୀତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଦୁର୍ନୀତିର ମଞ୍ଜି ଚାରିଆଡେ ବିଞ୍ଚି ଯାଇଛି । ସରକାରୀ ଯୋଜନାର ଷାଠିଏ ଭାଗ ଅର୍ଥ ବାଟମାରଣା ହେଉଛି । ତଳୁ ଉପର ପର୍ଯ୍ୟନ୍ତ ନେତା ମନ୍ତ୍ରୀ ସମେତ ସମସ୍ତେ ଭାଗ ବା ିପିସି ଖାଉଛନ୍ତି । ‘ଖଜୁରୀ ଗଛ ମୂଳରୁ ପାହାଚ ପାହାଚ’ । ଓଡ଼ିଆରେ ଗୋଟିଏ ଢଗ ଅଛି, ‘ତୁତ ମୁତୁରି ମୁତ ମୁତୁରି ହେଂସ କାହିଁ ପାଇଁ ଧୋଇବା’ । ଅର୍ଥାତ ତୋର ଉପୁରି ଦରକାର ମୋର ବି । ମୁଁ କାହିଁକି ତୋତେ କହିବି ତୁ ଯାହା ଖାଉଚୁ ଖା ମୋ ଭାଗ ମିଳିଗଲେ ମୁଁ ଖୁସି । ଦୁର୍ନୀତି ଆଜି ଏକ ବ୍ୟାଧି ଭାବେ ସମଗ୍ର ସମାଜକୁ କବଳିତ କରିଛି । ଏ ବ୍ୟାଧି ଏତେ ଜଟିଳ ଯେ ତା’ର ଚିକିତ୍ସା କରିବା ବଡ କଠିନ । ଦୁର୍ନୀତି ଭିଭିନ୍ନ ଉପାୟରେ ହେଉଛି । ରାଜନେତାମାନେ ନିଜର କ୍ଷମତାର ଦୁରୁପଯୋଗ କରି ସରକାରୀ ସମ୍ପ ିକୁ ହଡପ କରୁଛନ୍ତି ତ କେଉଁଠି ସାଧାରଣ ଜନତାଙ୍କଠାରୁ ଲା ନେଇ କିମ୍ବା ଉପହାର ନେଇ ସେମାନଙ୍କ କାର୍ଯ୍ୟ କରୁଛନ୍ତି । ଇ ରନେସନାଲ ଟ୍ରାନସ୍‌ପାରେନ୍‌ସି ଆକଳନ ଅନୁଯାୟୀ ୨୦୨୩ ମସିହାରେ ଭାରତରେ ଦୁର୍ନୀତି କମିବା ପରିବର୍ତ୍ତେ ବଢିଛି । ଭାରତର ସ୍କୋର ୨୦୨୨ରେ ୪୦ ଥିବା ବେଳେ ୩୯ କୁ ଆସିଛି ସବୁଠାରୁ କମ୍ ସ୍କୋର ଥିବା ରାଷ୍ଟ୍ର ହେଉଛି ସୋମଲିଆ, ଯାହାର ସ୍କୋର୍ ମାତ୍ର ୧୧ । ଡେନ୍‌ମାର୍କ ଏହି ତାଲିକାରେ ୯୦ସ୍ଥାନରେ ରହିଛି, ଯେକି ସବୁଠାରୁ ଦୁର୍ନୀତି ମୁକ୍ତ ରାଷ୍ଟ୍ର । ଇଣ୍ଡିଆ ଟୁଡେର ୨୦୨୦ ମୁଡ୍ ଅଫ ନେସନ ସର୍ଭେରେ ପଚାଶ ଭାଗ ଲୋକ ମତ ଦେଇଥିଲେ ଯେ ରାଜନେତା ମାନେ ଅଧିକ ଦୁର୍ନୀତି ଗ୍ରସ୍ତ । ଝଙ୍ଗସଶ୍ୱଶ୍ୱ ବ୍ୟାଙ୍କରେ ଅଧିକାଂଶ ରାଜନେତା ମାନେ କୋଟି କୋଟି ଟଙ୍କା କଳା ଧନ ଗଚ୍ଛିତ ରଖିବା କଥା ସମସ୍ତେ ଜାଣନ୍ତି । ମୋଦି ସରକାର ବିଦେଶୀ ବ୍ୟାଙ୍କରେ ଥିବା କଳା ଟଙ୍କାକୁ ଭାରତକୁ ଫେରାଇ ଆଣିବାକୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ଆଜି ପର୍ଯ୍ୟନ୍ତ ସାକାର ହୋଇ ପାରିନାହିଁ । ରାଜନେତାମାନଙ୍କ ସହିତ ବଡ଼ ବଡ଼ ଶିଳ୍ପପତି ପୁଞ୍ଜିପତି ଦୁର୍ନୀତିଗ୍ରସ୍ତ ସରକାରୀ ଓ ବେସରକାରୀ ବାବୁମାନଙ୍କ ଗଚ୍ଛିତ କଳା ଟଙ୍କାକୁ ଲୋକ ଲୋଚନ କୁ ଆଣିବା ପାଇଁ କେନ୍ଦ୍ର ସରକାର ତା ୮.୧୧.୨୦୧୬ ମସିହାରେ ଯେଉଁ ନୋଟ୍ ବନ୍ଦି ଘୋଷଣା କଲେ ତାହା ସଫଳ ହୋଇପାରିଲା ନାହିଁ । ଯେଉଁମାନଙ୍କ ପାଖରେ କଳା ଟଙ୍କା ଗଚ୍ଛିତ ଥିଲା ସେମାନେ ଭିଭିନ୍ନ ଉପାୟରେ କଳା ଟଙ୍କାକୁ ଧଳା କରିବାରେ ସକ୍ଷମ ହୋଇଗଲେ । କହିବାକୁ ଗଲେ ସରକାରଙ୍କ ନୋଟ ବନ୍ଦି କାର୍ଯ୍ୟ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ବିଗତ ଦିନରେ ଅନେକ ଦୁର୍ନୀତିରେ ଲିପ୍ତ ଥାଇ ରାଜନେତାମାନେ ଜେଲ ଯାଇଛନ୍ତି । ଅତୀତରେ ରାଜନେତା ମାନଙ୍କ ଅନେକ ଦୁର୍ନୀତିଯଥା ୭୦,୦୦୦ କୋଟିର ମକ୍ଟଙ୍କଙ୍କକ୍ଟଭ ଙ୍ଗରକ୍ଷଶ୍ୱଷ ଏବଙ୍କରଶ୍ୱ ଶ୍ୱମବଙ୍କ, ୧.୮୬ ଲକ୍ଷ କୋଟିର ଇୟବକ୍ସଶ୍ୱବ ଐକ୍ଟଙ୍କଶ୍ୱସଭଶ ଝକ୍ଟମସରଶ୍ୱଢ ଶ୍ୱମବଙ୍କ, ମକ୍ଟବକ୍ଷ ଙ୍କସଭସଭଶ ଶ୍ୱମବଙ୍କ ବଭୟ ଉବଶ୍ୱଷ ଲକ୍ଟଙ୍କ ଙ୍ଖକ୍ଟଶ୍ୱର ଶ୍ୱମବଙ୍କ ପ୍ରଭୃତି ରାଜନେତା ମାନଙ୍କ ଚାଲ୍ ଚରିତ୍ରକୁ ପଦାକୁ ଆଣିଥିଲା । ଦିଲ୍ଲୀ ସରକାରଙ୍କ ଦୁଇ ଦୁଇ ଜଣ ମନ୍ତ୍ରୀ ଦୁର୍ନୀତି ଓ ମଦ ସ୍କାମ୍‌ରେ ଏବେବି ଜେଲରେ ଅଛନ୍ତି ଓ ଇଡ଼ି ମୁଖ୍ୟମନ୍ତ୍ରୀଙ୍କୁ ସଭଶ୍ୱରକ୍ସକ୍ଟଶବଶ୍ୱସକ୍ଟଭ ପାଇଁ ବାରମ୍ବାର ନୋଟିସ କରୁଛନ୍ତି । ଯାହା ଜଣା ପଡୁଛି ସେ ମଧ୍ୟ ସେହି କେଶ୍‌ରେ ଗିରଫ ହୋଇ ପାରନ୍ତି । ରାଜନୈତିକ ଦଳମନେ ଚାନ୍ଦା ନେବାକୁ ଯେଉଁ ରକ୍ଷରମଶ୍ୱକ୍ଟକ୍ସବକ୍ଷ ଭକ୍ଟଭୟର ବ୍ୟବସ୍ଥା କରାଯାଇଥିଲା ତାହା ଅସାମ୍ବିଧାନିକ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ମତ ଦେବା ପରେ ଜଣାପଡୁଛି ଯେ ୨୦୧୮ ରୁ ୨୦୨୨ ଭିତରେ ୬୦,୦୦୦କୋଟି ଟଙ୍କା ରାଜନୈତିକ ଦଳ ମାନଙ୍କୁ ଚାନ୍ଦା ମିଳିଛି । ସେଥିମଧ୍ୟରୁ ୫୭% ଅର୍ଥାତ ୫୨.୭ ବିଲିୟନ ଟଙ୍କା କେବଳ ମୋଦି ସରକାରଙ୍କ ପାଖକୁ ଯାଇଥିବା ବେଳେ ୯.୫ ବିଲିୟନ ଟଙ୍କା କଂଗ୍ରେସ ଦଳକୁ ଯାଇଛି । ଆଜି ଭାରତ ବର୍ଷରେ ନିର୍ବାଚନ ଏତେ ବ୍ୟୟବହୁଳ ହୋଇଯାଇଛି ଯେ କୋଟି କୋଟି ଟଙ୍କା ଖର୍ଚ୍ଚ ନକଲେ ଜଣେ ପ୍ରାର୍ଥୀ ଜୟଯୁକ୍ତ ହୋଇପାରିବ ନାହିଁ । ପ୍ରାର୍ଥୀ ଯେତେ ଜ୍ଞାନୀ ଗୁଣି ହେଉ କିଛି ଯାଏ ଆସେ ନାହିଁ; ଟୋକା ଆଉ ଟଙ୍କା ବିନା ନିର୍ବାଚନ ବୈତରଣୀ ପାରିହେବା ଅସମ୍ଭବ । ରାଜନୈତିକ ଦଳମାନେ ଜଣେ ପ୍ରାର୍ଥୀକୁ ଟିକଟ ଦେବା ପୂର୍ବରୁ ପଚାରୁଛନ୍ତି ତୁମେ କେତେ କୋଟି ଖର୍ଚ୍ଚ କରିପାରିବ ? ଶିଳ୍ପପତି ପୁଞ୍ଜିପତି ମଦ ମାଫିଆ ମାନେ ଆଜି ରାଜନୀତିକୁ କବ୍‌ଜା କରି ରଖିଛନ୍ତି । ସଚ୍ଚୋଟ, ଭଦ୍ର, ଜ୍ଞାନୀ, ଗୁଣିମାନେ ଆଜି ଦିନରେ ରାଜନୀତି ଠାରୁ ଦୁରେଇ ରହୁଛନ୍ତି । ଯେଉଁମାନଙ୍କ ନାଁରେ ମାଳ ମାଳ ଫୌଜଦାରୀ ମାମଲା ଯଥା– ହତ୍ୟା, ଡକାୟତି, ରହଜନୀ, ବଳାତ୍କାର ପ୍ରଭୃତି ରହିଛି ସେଇମାନେ ଆଜି ନେତା ମନ୍ତ୍ରୀ । ଅକାଳନରୁ ଜଣାଯାଇଛି ଯେ ୪୪% ଜନତା ଲୋକସଭାର ସାଂସଦ ଭିଭିନ୍ନ ମୋକଦ୍ଦମାରେ ସମ୍ପୃକ୍ତ ଥିବା ବେଳେ ୩୧% ରାଜ୍ୟ ସଭାର ସଦସ୍ୟ ମାନେ ସମ୍ପୃକ୍ତ ଅଛନ୍ତି ।୨୦୨୨ମସିହା ସୁଦ୍ଧା ୫୦୯୭ ମୋକଦମ ବିଧାୟକ ସାଂସଦ ମାନଙ୍କ ବିରୁଧରେ ଭିଭିନ୍ନ ଅଦାଲତରେ ବିଚରାଧୀନ ଥିବା ଜଣାଯାଏ । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଫାଷ୍ଟ୍ରାକ ଟ୍ରାଏଲ୍ ଜରିଆରେ ଏ ମୋକଦମ ଗୁଡିକ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷମତାର ସ୍ୱାଦ ଚାଖିବା ପାଇଁ ରାଜନେତା ମାନେ କୋଟି କୋଟି କଳା ଟଙ୍କା ନିର୍ବାଚନରେ ଖର୍ଚ୍ଚ କରୁଛନ୍ତି ଓ ଏହି ଧନ ରାଶି ଅସାଧୁ ଉପାୟରେ ନିଜ କ୍ଷମତାର ଦୁରୁପଯୋଗ କରି ରୋଜଗାର କରୁଛନ୍ତି । ବିଗତ ନଅ ବର୍ଷରେ ପୁଞ୍ଜିପତି ଓ ଶିଳ୍ପପତି ମାନଙ୍କ ୧୪ ଲକ୍ଷ କୋଟି ଋଣକୁ ଙ୍ଗକ୍ସସଶ୍ୱର କ୍ଟଲଲ କରାଯାଇଛି ଓ ସେହିମାନଙ୍କ ଠାରୁ ରକ୍ଷରମଶ୍ୱକ୍ଟକ୍ସବକ୍ଷ ଭକ୍ଟଭୟ ଜରିଆରେ ହଜାର ହଜାର କୋଟି ଦଳୀୟ ଚାନ୍ଦ ଆସିଛି । କେନ୍ଦ୍ର ସରକାର ହୁଅନ୍ତୁ କି ରାଜ୍ୟ ସରକାର ବର୍ତମାନ ଲକ୍ଷ ଲକ୍ଷ କୋଟି ଋଣ କରି ବିକାଶ ନାଁରେ ବିନାଶ କରିଚାଲିଛନ୍ତି । ଆଜିର ଦିନରେ ଭାରତର ପ୍ରତ୍ୟେକ ନାଗରିକ ମୁଣ୍ଡରେ ଋଣର ଭାର ଏକ ଲକ୍ଷ୍ୟ ରୁ ଅଧିକ ଯେଉଁମାନେ ଦୁର୍ନୀତି ବିରୁଧରେ ସ୍ୱର ଉ ।ଳନ କରିବା କଥା ବା ଯେଉଁମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ ସେମାନେ ରାଜନେତାଙ୍କ ପାଖରେ ବନ୍ଧା ପଡିଛନ୍ତି । ବିଚରା କିଛି ବିଜ୍ଞାପନ ପାଇବା ପାଇଁ ସରକାରୀ ଦଳ ପାଖରେ ବିକ୍ରି ହେଇଯାଇଛନ୍ତି । ଆଜିର ଦିନରେ ନିରପେକ୍ଷ ସମ୍ବାଦ ପରିବେଷଣ କଲେ ତା’ ପରଦିନ ରାଜନେତାଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି । ଏପରିକି ମିଛ ମୋକଦମ ରୁଜୁ ହୋଇ ଜେଲ ଯିବାକୁ ପଡୁଛି । ରାଜନେତା ମାନଙ୍କ କ୍ଷମତା ନିଶା ଏତେ ବଢ଼ି ଯାଇଛି ଯେ କ୍ଷମତାକୁ ଯିବା ପାଇଁ ସେମାନେ ସବୁକିଛି କରିବା ପାଇଁ ପ୍ରସ୍ତୁତ । ସୌମ୍ୟ ରଞ୍ଜନ ପଟନାୟକ ସମ୍ପାଦକ ସମ୍ବାଦ କଣ ଦୁଇଧାଡି ଖବର କାଗଜରେ ଲେଖିଦେଲେ ଯେ ତା’ ପରଦିନ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଇସ୍ତଫା ଦେବାକୁ ପଡିଲା । ଜନସାଧାରଣ ସବୁ କଥା ଜାଣିଛନ୍ତି । ଆଜିର ଖବର କାଗଜରେ ସାଧାରଣ ଲୋକର ସ୍ୱରକୁ ଚାପି ଦିଆଯାଉଛି । ଖବର କାଗଜଟି ପ୍ରକାଶ କରୁଥିବ ଲୋକଟିକୁ ଦୋଷ ଦେଇ ଲାଭ ନାହିଁ । କ୍ଷମତାକୁ ଜାବୁଡ଼ି ଧରିଥିବ ରାଜନେତା ମାନେ ନିଜର ଦୁର୍ନୀତି କଳା କାରନାମାକୁ ଲୁଚାଇବା ପାଇଁ ମିଡ଼ିଆର ସାହାରା ନେଉଛନ୍ତି । ଏପରିକି ସେମାନେ ଗୋଟିଏ ଗୋଟିଏ ଇଲେକ୍‌ଟ୍ରୋନିକ୍ ଓ ପ୍ରି ମିଡ଼ିଆ କରି ନିଜ ସପକ୍ଷରେ ପ୍ରଚାର ପ୍ରସାର କରୁଛନ୍ତି । କ୍ଷମତା ଲିପସୁ ଦୁର୍ନୀତି ଗ୍ରସ୍ତ ରାଜନେତା ମାନେ ଗଣତନ୍ତ୍ରକୁ କଳୁଷିତ କରିସାରିଲେଣି । ଯେପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟାରେ ସୁଧାର ଆସିନାହିଁ ଭୋଟ ବିନିମୟରେ ନୋଟ କାରବାର ବନ୍ଦ ହୋଇନାହିଁ ସେ ପର୍ଯ୍ୟନ୍ତ ଦୁର୍ନୀତି ଗ୍ରସ୍ତ ନେତା ମାନଙ୍କ ଦ୍ୱାରା ଆମେ ଶାସିତ ହେଉଥିବା । ନିର୍ବାଚନ ପ୍ରକ୍ରିୟରେ ସୁଧାର ଆଣିବା ପାଇଁ ତତ୍କାଳୀନ ଇଲେକ୍‌ସନ୍ କମିଶନର ଟି.ଏନ୍. ସେଶାନ୍ ଅନେକ ପ୍ରୟାସ କରିଥିଲେ । କିନ୍ତୁ ସେ ଗଲା ପରେ ଯେ ସେ ଥେ ନିର୍ବାଚନ କମିଶନଙ୍କ ଚୟନ ପ୍ରକ୍ରିୟରେ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧିସ ଯେଉଁ ପ୍ରୟାସ କରିଥିଲେ ତାଙ୍କୁ ମୋଦି ସରକାର ବିଧେୟକ ମାଧ୍ୟମରେ ବାତିଲ କରିଦେଲେ । ବୋଧ ହୁଏ ସରକାର ଚୟନ ପ୍ରକ୍ରିୟାରେ ସାଧୁତା ଆଣିବାକୁ ଚାହୁଁନାହାନ୍ତି । ଯେ ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟାରେ ସୁଧାର ଆସିଛି ଓ ଭୋଟ ବିନିମୟରେ ନୋଟ କାରବାର ଚାଲିଛି ସେତେବେଳ ପର୍ଯ୍ୟନ୍ତ ରାଜନେତାମାନେ ଅସାଧୁ ଉପାୟରେ ନିଜ କ୍ଷମତାର ଦୁରୁପଯୋଗ କରି ଅର୍ଥ ଉପାର୍ଜନକୁ ଅଗ୍ରାଧିକାର ଦେଉଥିବେ । ଯେଉଁ ଦିନ ଜନତା ଜନାର୍ଦ୍ଦନ କୌଣସି ରାଜନୈତିକ ଦଳ ପଛରେ ନ ଗୋଡ଼ାଇ ନିରପେକ୍ଷ କ ର୍ବ୍ୟନିଷ୍ଠ ଓ ସଚ୍ଚୋଟ ରାଜନେତାଙ୍କୁ କୌଣସି ପ୍ରଲୋଭାନରେ ବଶୀଭୂତ ନହୋଇ ନିର୍ବାଚନରେ ଜୟଯୁକ୍ତ କରାଇବେ ସେଇଦିନ ଗଣତନ୍ତ୍ରର ବିଜୟ ହେବ ଓ ରାଜନେତାମାନଙ୍କ ସମ୍ପତି ଆହରଣ ମାନସିକତା ଦୂର ହେବ । ଖାଲି ରାଜନେତାମାନେ ଯେ ଦୁର୍ନୀତିରେ ଲିପ୍ତ ତା’ ନୁହେଁ; ମୁଲିଆ ଠାରୁ ଆରମ୍ଭ କରି ଠିକାଦାର ଚତୁର୍ଥ ଶ୍ରେଣୀ କର୍ମଚାରୀଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ଥାନରେ ଥିବା ଅଧିକାରୀ ପର୍ଯ୍ୟନ୍ତ ଦୁର୍ନୀତିରେ ଲିପ୍ତ । କିଛି ଅଧିକାରୀ ଓ କର୍ମଚାରୀ ଅଛନ୍ତି ଯେଉଁମାନେ ଦୁର୍ନୀତିଠାରୁ ଦୂରରେ । ସେହି ଅଳ୍ପ ସଂଖ୍ୟକ ଲୋକ ମାନଙ୍କ ପାଇଁ ଆଜି ଗଣତନ୍ତ୍ର ବ ୍ଛି । ଖାଲି ଆମେ ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କୁ ଦୋଷ ଦେଇଦେଲେ ଠିକ ହେବନି ଆମ ଦେଶର ଜନସାଧାରଣ ମଧ୍ୟ ସମପରିମାଣରେ ଦାୟୀ । ଗୋଟିଏ ସର୍ବେକ୍ଷଣରୁ ଜଣା ପଡିଥିଲା ଯେ ଆମ ଦେଶର ୬୨% ଲୋକ ନିଜ କାର୍ଯ୍ୟ ପାଇଁ ଲା ଦେବାକୁ ପସନ୍ଦ କରନ୍ତି । ଯେତେବେଳେ ଜଣେ ବ୍ୟକ୍ତି ନିଜ କାର୍ଯ୍ୟ ପାଇଁ ଜଣେ ଅଧିକାରୀକୁ ଲା ଦେବାକୁ ଆଗ୍ରହ ପ୍ରକାଶ କରୁଛି ସେ ବା ନେବାକୁ କାହିଁକି ମନା କରିବ ? ଲା ଦେବା ଓ ଲା ନେବା ଆଇନୀତଃ ଅପରାଧ, ହେଲେ ଲା ଦେବା ଲୋକ ଦଣ୍ଡିତ ହେଉନାହିଁ । ଖାଲି ଆମେ ରାଜନେତା ଓ ଅଧିକାରୀମାନଙ୍କୁ ଦୋଷ ଦେଲେ ହେବ ନାହିଁ । ଏହି ଦୁର୍ନୀତି ବ୍ୟାଧିକୁ ସମୂଳେ ବିଲୋପ କରିବାକୁ ହେଲେ ଜନସାଧାରଣ ସଚେତନ ହେବ ନିହାତି ଜରୁରୀ । ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ହେଉ କିମ୍ବା କେନ୍ଦ୍ର ସିବିଆଇ ହେଉ ଏଗୁଡିକ ସରକାରଙ୍କ ଅଧୀନରେ ନରହି ଜୁଡ଼ିସିଆରୀ ଭଳି ସ୍ୱାଧୀନ ହେବା ଉଚିତ । ଦେଖାଯାଉଛି ଦୁର୍ନୀତି ସମ୍ପର୍କୀୟ ମୋକଦ୍ଦମାଗୁଡିକ ବର୍ଷ ବର୍ଷ ଧରି ଅଦାଲତରେ ଗଡୁଛି, ଫଳରେ ହଙ୍କଶ୍ୱଶ୍ୱସମର ୟରକ୍ଷବଢରୟ ସଶ୍ୱ ହଙ୍କଶ୍ୱ-ଶ୍ୱସମର ୟରଭସରୟ ନ୍ୟାୟରେ ଦୋଷୀ ଦଣ୍ଡ ପାଇପାରୁନାହିଁ । ମୋକଦ୍ଦମାଗୁଡିକ ଫାଷ୍ଟଟ୍ରାକ ଟ୍ରାଏଲ୍ ଜରିଆରେ ଫଇସଲା ହେଲେ ଅଧିକ ଦୋଷୀ ଦଣ୍ଡ ପାଇପାରନ୍ତେ । ଦେଖା ଯାଉଛି ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କୁ ପୁନର୍ବାର ପ୍ରାଇଜି ପୋଷ୍ଟିଙ୍ଗ୍ ଦିଆଯାଉଛି । ଫଳରେ ସେମାନେ ପୁଣି ଦୁର୍ନୀତି କରିବାର ସୁଯୋଗ ପାଉଛନ୍ତି । ସେମାନଙ୍କୁ ଏଭଳି ସ୍ଥାନରେ ପୋଷ୍ଟିଙ୍ଗ୍ କରିବା କଥା ଯେଉଁଠି ଦୁର୍ନୀତି କରିବାର ସୁଯୋଗ ନଥିବ । ଦୁର୍ନୀତି ସମ୍ପର୍କୀୟ ଆଇନି ଅଧିକ କଠୋର ହେବା ଉଚିତ । ଅତୀତରେ ବିଜୁ ବାବୁ ମାଡ଼ ତ ୍ୱର କଥା କହି ଚର୍ଚ୍ଚାର ପରିସରକୁ ଆସିଥିଲେ । ହେଲେ ତାଙ୍କର ସେ ତ ୍ୱ ଅସାଧୁ କର୍ମଚାରୀଙ୍କ ଉପରେ କିଛି ପ୍ରଭାବ ପଡ଼ିନଥିଲା । ଆଜି ଓଡ଼ିଶାରେ ଦୁର୍ନୀତି ଜାତୀୟ କାରଣ ହୋଇଯାଇଛି । ମନଇଛା ରାଜକୋଷରୁ କୋଟି କୋଟି ଟଙ୍କା ବିକାଶ ନାଁରେ ହରିଲୁଟ ହେଉଛି । କ୍ଷମତା ଅକ୍ତିଆର କରିବା ପାଇଁ ଭିଭିନ୍ନ ଉପାୟରେ ଜନସାଧାରଙ୍କୁ ଟଙ୍କା ବ ନ କରାଯାଉଛି । ଯିଏ ଯେତେ ଦୁର୍ନୀତି କରୁ କିଛି କହିବାର ନାହିଁ । କେବଳ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜିନ୍ଦାବାଦ କହିବା ଦରକାର । ଡକ୍ଟର ହରେକୃଷ୍ଣ ମହତାବ ଦିନେ କହିଥିଲେ ଦୁର୍ନୀତିକୁ ନୀତି କରିଦେଲେ କିମିତି ହୁଅନ୍ତା । ବୋଧେ ଆଜି ତାଙ୍କର ସେ କଥା ସତରେ ପରିଣିତ ହୋଇପାରିଛି । ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ଭିଭିନ୍ନ ଯୋଜନ ମାଧ୍ୟମରେ ଟିକସ ଦାତାଙ୍କ ପଇସାକୁ ହରିଲୁଟ କରାଯାଉଛି । ଏଥି ଜନତା ଭକୁଆ ଜଳକା ଭଳି ସବୁ ଦେଖୁଚି କିଛି କରିପାରୁନାହିଁ । ଯେଉଁମାନେ ଦୁର୍ନୀତି ବିରୁଧରେ ସ୍ୱର ଉ ।ଳନ କରିବା କଥା ଯଥା ବିରୋଧୀ ଦଳ ହେଉ ବା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସମସ୍ତଙ୍କ ପାଟି ଚୁପ । ଶୁଣିବାକୁ ମିଳୁଛି ସରକାରୀ ଦଳ ଓ ବିରୋଧୀ ଦଳ ଓଡ଼ିଶାରେ ଚତୁରେ ଚତୁରେ କୋଳାକୋଳି । ଉଭୟ ଦଳଙ୍କ ଭିତରେ ପୁଣି ମଧୁର ମିଳନ ହେବାକୁ ଯାଉଛି । ଯେଉଁ ନେତାମାନେ ଉଚ୍ଚ ସ୍ୱରରେ ଚିତ୍କାର କରି କହୁଥିଲେ ବିଜେଡ଼ି ଏକ ଭ୍ରଷ୍ଟ ସରକାର, ଓଡ଼ିଶାର ଖଣି, ପାଣି ସବୁ କିଛି ଲୁଣିନେଲାଣି ସେହିମାନେ ଓଡ଼ିଶା ସରକାରଙ୍କ ସ୍ତୁତିଗାନ କରିବାକୁ ବାଧ୍ୟ ହେବେ। ଭକୁଆ ଜନତା ନିଜର ସ୍ୱାର୍ଥ ପାଇଁ ରାଜନେତାମାନଙ୍କ ସ୍ୱରରେ ସ୍ୱର ମିଳାଇବାକୁ ପଛାଇବେ ନାହିଁ । ଧନ୍ୟ ଏ ଗଣତନ୍ତ୍ର, ଧନ୍ୟ ରାଜନେତା, ଧନ୍ୟ ଏ ଭକୁଆ ଜନତା । ଆଜିର ନେତା ଜଣେ ଜଣେ ପୋଖତ ଅଭିନେତା । ଯିଏ ଯେତେ ତା’ଣ ଅଭିନୟକୁ ଜୀବନ୍ତ କରିପାରିଲା ସେ ସେତେ ଜନତା ଜନାର୍ଦ୍ଦନଙ୍କ ହୃଦୟକୁ ସ୍ପଷ୍ଟ କରିପାରିଲା ।

ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ: ୮୨୪୯୨୮୧୫୬୭

# ରାଜପୁରୁଷଙ୍କ ଜାତକ ସମୟ ଯଦି ଠିକଥାଏ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରାଜପୁରୁଷଙ୍କ ଜନ୍ମ ସମୟ ସର୍ବଦା ଗୁପ୍ତ ରଖିବା ଏକ ବିଧି ଅଛି। କାରଣ ରାଜପୁରୁଷଙ୍କର ଶତ୍ରୁ ଅନେକ ଜନ୍ମ ସମୟରେ ହିଁ ବ୍ୟକ୍ତିର ସୌଭାଗ୍ୟ ଓ ଦୁର୍ଭାଗ୍ୟ ଦୁଇଟି ଜଡ଼ିତକୁ ଜୀବନ ନାଟିକାର ଅବସାନ ବି ଲେଖାଯିବା ଗ୍ରହ ମଧ୍ୟରେ ଲୁଚିଛି। ଶ୍ରୀକୃଷ୍ଣ ଜନ୍ମ ପୂର୍ବରୁ ଜଣାଥିଲା ଅବତାର ପୁରୁଷ ଆସୁଛନ୍ତି ଏକ ମୂଳ ରାଜତନ୍ତ୍ରକୁ ବିନାଶ କରିବେ ତତ୍ ସହିତ ସେ ମୂଳ ରାଜଶକ୍ତିର ସହାୟକ ମାନେ ହିଁ ନାଶ ଯିବେ। ତାଙ୍କର ଜନ୍ମ ମାତ୍ରେ ସ୍ଥାନାନ୍ତର କରାନଯାଇଥିଲେ ଆହୁରି ଅନେକ ଆଶଙ୍କା କରାଯାଉଥିଲା। ରାଜପୁତ ପରିବାରରେ ରାଜପୁତ୍ର ଉଦୟ ସିଂହଙ୍କୁ ମାରିବାକୁ ରାଜପରିବାରର ବିନାଶକାରୀ ବନବୀର ଛୁରିକା ହସ୍ତେ ମାରିବାକୁ ଉଦ୍ୟମୀ ଥିବାବେଳେ ରାଜପରିବାରର ଧାଇପନ୍ନା ନିଜର ଜନ୍ମିତ ପୁତ୍ରକୁ ଆସନ୍ନ ବିପଦରେ ଠେଲି ରାଜପୁତ୍ରଙ୍କୁ ରକ୍ଷା କରିବା ସର୍ବଜନ ବିଦିତ। ଏମିତି ରାଜପୁରୁଷଙ୍କର ପ୍ରାଣ ସଙ୍କଟ ଆଶଙ୍କା ବା ରାଜ୍ୟ ଲୋପ ହେବାର ସମ୍ଭାବନା ଧରିବା ପାଇଁ ଏକ ଜନ୍ମ ସମୟ ଯଥେଷ୍ଟ ଖୋରାକ ଯୋଗାଏ।

ଭାଟ ଓ ଜ୍ୟୋତିଷ ରାଜାଙ୍କର ଗୁଣଗାନରେ ଅନେକ ସମୟ ବ୍ରତୀ ରହନ୍ତି। ଏକ ଛୋଟ କଥାକୁ ଅତିବଡ଼ କରି ବୟାନ ରାଜ ସପକ୍ଷରେ ଦେବା ଏମାନଙ୍କର କାର୍ଯ୍ୟଶୈଳୀରୁ ଜଣାପଡ଼େ। ହେଲେ ଉତ୍ତମ ଜ୍ୟୋତିଷୀ ଏକ ରାଜଯୋଗ ଥିଲେ ତାହା କେଉଁ ପ୍ରକାରର ଓ କେବେ କେମିତି ଭୋଗ ହେବ ବା ଅବସାନ ହେବ ଏକଥା ଜାଣି ପାରନ୍ତି ମାତ୍ର ଯେ ସର୍ବଦା ଜୟ ଜୟକାର ଖୋଜନ୍ତି ସେ ତାଙ୍କର ବିରୁଦ୍ଧ ବା ଅବସାନ ବାଣୀ ଶୁଣିବାକୁ କେବେ ଇଛା କରନ୍ତି ନାହିଁ। ରାଜମହଲ ଗୁମର କଥାକୁ ଦେଓ୍ୱାନ ଜର୍ମାନୀ ଦାସ ଲେଖା ମହାରାଜ, ମହାରାଣୀ ବହିରେ ରହିଛି। ରାଜାଙ୍କ ଅନେକ ରାଣୀ ରହିଲେ ଅତି ସାଂଘାତିକ କଥା, ରାଜମହଲରେ ରାଣୀ ହଂସପୁରରେ ଏପାଇଁ ପୁରୁଷ ରାଜକର୍ମଚାରୀ ତତ୍ତ୍ୱାବଧାରଙ୍କୁ କ୍ଲୀବ କରି ମୁକରିର କରାଯାଏ। ତାଙ୍କୁ ଖୋଜା କୁହାଯାଉଥିଲା ଅନେକ ସମୟରେ ପୁରୁଷ ବା ସ୍ତ୍ରୀ ନୁହଁ କିନ୍ନର ମାନଙ୍କୁ ରାଜମହଲରେ ରଖାଯାଉଥିଲା। ତଥାପି ରାଜା ଭର୍ତ୍ତୃହରିଙ୍କ ଜୀବନ କାହାଣୀରୁ ଜଣାପଡ଼େ ତାଙ୍କ ପ୍ରିୟା ପ୍ରେୟସୀ ମହାରାଣୀ ଏକ ଯୁବ ସେନାପତିଙ୍କ ପ୍ରେମରେ ପଡ଼ିବା ଜଣାପଡ଼ିଥିଲା। ଅତଏବ ଜ୍ୟୋତିଷରେ ଜାରଜ ଜନ୍ମର ବିବରଣୀ ଅଛି। ଏହା ରାଜବଂଶର ପରେ କଳଙ୍କ ହୋଇପାରନ୍ତି। ଏସବୁ ପାଇଁ ବିଶ୍ୱସ୍ତ ଜ୍ୟୋତିଷୀ କେବଳ ରାଜାରାଣୀଙ୍କ ମିଳନ ସମୟ ଧାର୍ଯ୍ୟ କରି ରାଜାଙ୍କ ରାଣୀ ହଂସପୁରକୁ ଯାତ୍ରା କରାନ୍ତି। ପ୍ରତି ଯାତ୍ରାରେ ଦୁଃଖ ଓ ସୁଖଦ ଫଳ ଅଛି। ମୁଖ୍ୟଯାତ୍ରୀ ଓ ତାଙ୍କ ସହିତ ଅନୁଗାମୀ ପରିଗାମୀ ମାନେ ମୁଖ୍ୟଯାତ୍ରୀଙ୍କର ସମୟ ଖରାବ ଥିଲେ କଷ୍ଟଭୋଗ ନିଶ୍ଚିନ୍ତ। ଏ ପାଇଁ ମୁଖ୍ୟଯାତ୍ରୀରେ ରାଜା ଯୁଦ୍ଧ ପାଇଁ ଯାତ୍ରା କରିବା ବେଳ ବିବାହ ପାଇଁ ବରର ଯାତ୍ରୀ ମେଳରେ ଅନୁକୂଳ କୌଣସି ମୁଖ୍ୟ ଲୋକଙ୍କୁ ତାଙ୍କର ଉଦ୍ଦେଶ୍ୟ ପୂରଣ ପାଇଁ ଗାଡ଼ିରେ ବା କୌଣସି ଯାନରେ ଯିବାକାଳର ଅନୁକୂଳ ସମୟ ଧାର୍ଯ୍ୟ ସଠିକ କରିବାକୁ ପଡ଼େ। ଏ ସମୟରେ ଅନେକ ନିର୍ବାଚନ ତାରିଖ ନିର୍ବାଚନ କମିଶନ ଧାର୍ଯ୍ୟ କରୁଛନ୍ତି ବହୁ ପ୍ରକାର ପ୍ରାର୍ଥୀ ଏହି ସମୟ ଧାର୍ଯ୍ୟ ମଧ୍ୟରେ ତାଙ୍କ ଆଦେଶ ମାନି ସ୍ଥାନୀୟ ସରକାରୀ ଦପ୍ତରରେ ମନୋନୟନ ପତ୍ର ଦାଖଲ କରନ୍ତି। ପ୍ରକୃତରେ ଏଇଠୁ ହିଁ ଆରମ୍ଭ ନିର୍ବାଚନ ରଣାଙ୍ଗନକୁ ଯୁଦ୍ଧଯାତ୍ରା। ଏହା ଯଦି ଭ୍ରମ ହେଲା ତେବେ କଥା ସରିଲା।

ପ୍ରତ୍ୟେକଙ୍କ ଜନ୍ମ ସମୟ ଯାହା ଜୀବନର ମହାସଂଗ୍ରାମର ଅୟମାରମ୍ଭ ସମୟ। ଏହି ସମୟ କାହାର ପୂର୍ଣ୍ଣକରେ କାହାର ପୂର୍ଣ୍ଣଅଶୁଭ କେବେ ହୁଏ କେବେ ହୁଏନାହିଁ ତେବେ କର୍ମଫଳ ଭୋଗ ଅନୁସାରେ କିଏ ପାପ ଫଳ ଭୋଗକୁ ଜନ୍ମ କିଏ ପୁଣ୍ୟଫଳ ଭୋଗକୁ ଜନ୍ମ। ପାପଫଳ ଭୋଗ ପାଇଁ ବ୍ୟକ୍ତି ଲାଳାୟିତ ହୋଇ ଉଠନ୍ତି। ପରିଶ୍ରମ ବିଧାନ ଅନୁସାରେ ନକରି ଆଳସ୍ୟ ବିଳାସରେ ସମୟ କଟାଇ ପରର ଶ୍ରମ ଧନ ଶ୍ରୀ କେମିତି ଲୁଟ ହେବ ଏଇ ଭାବନାରେ ରହନ୍ତି, ପ୍ରକୃତରେ ଯାହାର କ୍ଷତି ସେ ଯେ ସର୍ବଦା ସହା ବସୁନ୍ଧରା ଏମିତି ନୁହଁ ସେ ଗାଳି ଅଭିସଂପାଦ ଅବଶ୍ୟ ଦିଅନ୍ତି, କେହି କପାଳରେ ହାତ ଦେଇ କାନ୍ଦି କାନ୍ଦି ରହନ୍ତି, ହେଲେ ସେ ଗାଳି ଅଭିସମ୍ପାଦ ଦୁଃଖର ଲୋତକ ଯିବ କୁଆଡ଼େ ? ଏହି କାର୍ଯ୍ୟରେ ଲୁଟେରା ହିଁ ନିଷ୍ଠେ ପରୋକ୍ଷ ପ୍ରତ୍ୟକ୍ଷ ଭୋଗ କରିବାକୁ ବାଧ୍ୟ। ଯାହାର ପୁଣ୍ୟଭୋଗ ସେ ଅଳ୍ପାୟୁ ହୁଅନ୍ତୁ ଦୀର୍ଘାୟୁ ହୁଅନ୍ତୁ ତାଙ୍କ ପରିବେଶ ନିଷ୍ଠେ ଉତ୍ତମ ସହଯୋଗ ପୂର୍ଣ୍ଣ। ବହୁ ବିଭୁତି ତାଙ୍କୁ ମିଳିଥାଏ ସେ ତାକୁ ହିତ କାର୍ଯ୍ୟରେ ଲଗାଉଥାନ୍ତି। ଈଶ୍ୱରଙ୍କ କାର୍ଯ୍ୟ ତାଙ୍କ କାର୍ଯ୍ୟବଳୀ ଓ ବାଣୀ ସଂପୃକ୍ତିରେ ଜଡ଼ିତ ଥାଏ। ସେ ଇହଜନ୍ମ ଛାଡ଼ିବା ଦିନ ନିଷ୍ଠେ ଅନେକ ହାୟଃ ହାୟଃ ହୁଅନ୍ତି। ଅତଏବ ଜନ୍ମ ସମ୍ବନ୍ଧୀୟ ଯାତ୍ରାର ତର୍ଜମା ସଠିକ ବୁଝିବାକୁ ମୂଳରୁ ଚେଷ୍ଟା କରି ଜନ୍ମିତ ବ୍ୟକ୍ତିର ମାର୍ଗ ସଂସ୍କାର କରିବା ବିଦ୍ୟା ବି ବଳବତ୍ତର ଅଛି ବୋଲି ଗୁରୁବାଦ ବିଦ୍ୟା ଅଛି।

ପ୍ରତି ଯାତ୍ରା ପାଇଁ ପଞ୍ଜାଙ୍ଗର ତିଥିବାର-ନକ୍ଷତ୍ର-ଯୋଗ-କରଣ ଖୋଜା ପଡ଼େ ହେଲେ ଏଥିରେ ସାର୍ବଜନୀନ ଓ ମୁଷ୍ଟିମେୟ ସ୍ତର ଉପକାର ଅପକାର ପାଇଁ ଲାଗେ, ମୁଷ୍ଟିମେୟରେ ବ୍ୟକ୍ତି କେନ୍ଦ୍ରିକ ଫଳ ପୁଣି ବେଶୀ ଆବଶ୍ୟକ ପଡ଼େ। ଯେଉଁ ବ୍ୟକ୍ତିଜଣକ ଯାତ୍ରା ପଥିକ ତାଙ୍କ ଉପରେ ଅଭିଶାପ କି ଆଶୀର୍ବାଦର ବୋଝ ଅଛି ଏହାବି ଜାଣିବା ଜରୁରୀ। ଚାଟୁବାକକାରୀ ବେଳେ ବେଳେ ଫସାନ୍ତି। ଏପରି ଅବସ୍ଥା ନିର୍ବାଚନକୁ ଝାମ୍ପି ଦେବା ପ୍ରାର୍ଥୀଙ୍କର ବହୁତ ଦେଖାଯାଉଛନ୍ତି।

ପୂର୍ବର ରାଜା ମହାରାଜା ଜମିଦାରଙ୍କ ଜମିବାରୀ ରାଜ୍ୟ କେଇ ପିଢ଼ି ପରେ କାହିଁକି ନାହିଁ ? ବଡ଼ କୋଠା ଲାଲକିଲ୍ଲା ଅଛି ଆଗ୍ରା କିଲ୍ଲା ଅଛି, ମୋଗଲ କାହାଁନ୍ତି ? କିଲ୍ଲା, ଦୁର୍ଗ, ଏସବୁ ଦୃଶ୍ୟ ଅଦୃଶ୍ୟ। ଦୃଶ୍ୟ ଦୁର୍ଗପରି ଅଦୃଶ୍ୟ ଦୁର୍ଗ ଅଛି। ଏ ସମୟରେ ଅଦୃଶ୍ୟ ଦୁର୍ଗ ମନୁଷ୍ୟଦୁର୍ଗ ଭୋଟରମାନେ ଏଇ ମନୁଷ୍ୟଦୁର୍ଗ ଡିଭାଇଡ ଆଣ୍ଡ ରୁଲ ନିୟମ ଲଗାଇ ଅଦୃଶ୍ୟ ଖଡ୍ଗରେ ପୂର୍ବର ମନୁଷ୍ୟଦୁର୍ଗକୁ କେମିତି ଭାଙ୍ଗି ଅଙ୍କ ଶାସ୍ତ୍ର ଧାରା ମ୍ୟାଜିକ ସଂଖ୍ୟା ହାସଲ କରାଯାଇପାରିବ ଏହି ଧାରାରେ ଏବେ ମାନବ ବା ମନୁଷ୍ୟ ଦୁର୍ଗ ଦଖଲ ଦିନେ କଂଗ୍ରେସ ଏପରି ଦୁର୍ଗାଧିକାରୀ ବହୁଳ ଥିଲେ ଏବେ ଅନେକ ସ୍ଥଳରେ ଅନ୍ୟ ରାଜନୈତିକ ଦଳ ଏପରି ଦୁର୍ଗ ଅଧିକାରୀ ହୋଇ ଶାସନରେ ଅଛନ୍ତି ସମୟ ଆସିବ ପୁଣି ଦୁର୍ଗ ଭାଙ୍ଗିବ। ଏସବୁର ଯାତ୍ରା ଧାରା ବିଜ୍ଞ ଜ୍ୟୋତିଷୀମାନେ ବୁଝନ୍ତି। ମାତ୍ର ରକ୍ତପାତ ଧାରାକୁ ଜ୍ୟୋତିଷୀ ପସନ୍ଦ କରନ୍ତି ନାହିଁ। ଭୁଷପଣ୍ଡିତମାନେ କାକ ତାଳିକ ନ୍ୟାୟରେ ଏବେ ବହୁ ପରିଚିତ। ପ୍ରକୃତରେ ଉତ୍ତମ ପ୍ରଶାସକ ନହେଲେ ସଂସାରର ପ୍ରଜାପତି, ପଶୁପତି କର୍ମମାନ ରଦ୍ଧ ହୋଇଯିବ। ଏବେ ଏପରି କ୍ରିୟା ମହାବଳବତ୍ତର। ରାଜ ଅନୁଗୃହୀତରେ ମାତ୍ର ତିନି ଧାରା କାମ କରୁଛି ଏଥିରେ ରାଜନେତାମାନେ ଶାସନରେ ଥାଇ ଶାସନରେ ନଥାଇ କେବଳ ତର୍କବାଜୀ, ଦୋଷରୋପ ବା ବାହାବା ପ୍ରଚାରରେ ମତ୍ତ ଅଛନ୍ତି। ପ୍ରକୃତରେ ଜନତାର ମର୍ମ କଥା କେବେ ଶୁଣାଯାଉନାହିଁ। ଯେଉଁଦିନ ଜନତାର ମର୍ମକଥା ଶୁଣାଯିବ ସେ ଦିନ ସଂସାର ଠିକ ବାଟକୁ ଆସବ। ଧର ଯାନରେ ଯାତ୍ରୀ ଯିବେ ତାଙ୍କର ୟୁନିୟନ ନାହିଁ ହେଲେ ଯାନ ମାଲିକଙ୍କ ୟୁନିଅନ ଅଛି ଯାତ୍ରୀଭଡ଼ା କେତେ ହାର ବଢ଼ାଯିବ ଏକଥା ପାଇଁ ଯାନ ମାଲିକ ଧର୍ମଘଟ କରି ପ୍ରକାଶ କରୁଛନ୍ତି ? ଶକ୍ତିର ଉତ୍ସର ଓଲଟ ଚିହ୍ନ ଏବେ ସବୁ ଓଲଟ ପାଲଟ ପ୍ରକୃତିରେ କରୁଛି। ରାଜା ପୁରୁଷ ଜନ୍ମ ମାତ୍ରେ ତାଙ୍କର ଶତ୍ରୁ କେଉଁ ଦିଗରେ ପୁଣି ସେ ଶତ୍ରୁତା କେବେ ହୋଇପାରେ ଏହା ଚିହ୍ନଟ ହୋଇପାରେ। ମାମୁଁ ଯେଉଁଠୁ ସନ୍ତାନ ସେହି ଘରୁ ଶତ୍ରୁତା ରୋଗ ଜାତକରେ ଚିହ୍ନଟ। ଡରଗୋସେଇଁ ବାଘ ମାମୁଁ ଖୁସି ଉଛ ଜହ୍ନମାମୁଁ ପରି ପୋଲିଶକୁ ଲୋକେ ମାମୁଁ କହୁଛନ୍ତି। ଜେଲକୁ ମାମୁଁଘର କହୁଛନ୍ତି, ଏହାର କାରଣ କଂସ ରାଜାଙ୍କ ପ୍ରସଙ୍ଗ ଓ ଶ୍ରୀକୃଷ୍ଣଙ୍କ ପ୍ରସଙ୍ଗ ବନ୍ଦୀଶାଳରେ କୃଷ୍ଣଜନ୍ମ ଇତ୍ୟାଦି ସଙ୍କେତ ଖୋଜିଲେ ମିଳିବ। ଶକୁନୀ ମାମୁଁ ଭଣଜା ଦୁର୍ଯ୍ୟୋଧନଙ୍କୁ ପଶାରେ ଜିଣାଇଁଲା ମାତ୍ର ବଡ଼ ଯୁଦ୍ଧ ଦିଗକୁ ଆଗେଇ ସବଂଶେ ବଂଶ ଲୋପ କରାଇଲା। ପାଣ୍ଡବଙ୍କ ମାମୁଁ ମାଦ୍ରୀମାଙ୍କ ଭାଇ ଶଲ୍ୟ ମହାଭାରତ ଯୁଦ୍ଧରେ ପାଣ୍ଡବ ଶତ୍ରୁ ଦୁର୍ଯ୍ୟୋଧନର ସଖା କର୍ଣ୍ଣଙ୍କ ରଥରେ ସାରଥି ପରେ ଯୁଦ୍ଧରେ ସେନାପତି ଏମିତି ମାମୁଁ ପଣିଆଁ ପ୍ରତି ବାସ୍ତୁରେ ଏମିତି ଜାତକ ଅଛି ଏଥିରେ ଷଷ୍ଠ ସ୍ଥାନରେ ଶଲ୍ୟ ଚିହ୍ନଟ କରାଯାଏ। ମାଟିରେ ଶଲ୍ୟ ଗୁପ୍ତରେ ଥିଲେ ବାସ୍ତୁରେ ବାସ ଅମଙ୍ଗଳପ୍ରଦ। ମନୁଷ୍ୟ ଶରୀରରେ ଛଅ ରିପୁ ଅଛନ୍ତି ଏହା ବି ଏଇ ଷଷ୍ଠ ଭାବ ସହିତ ଜଡ଼ିତ। ପ୍ରେତଜ ପ୍ରଭାବ ଭୂତ ଡାହାଣୀ ଚୋର ହିଂସ୍ରପଶୁ ଏଇସବୁ ଏଇ ଷଷ୍ଠ ଭାବ। ଷଷ୍ଠ ହେଉଛି ସପ୍ତମର ୧୨ଶ ସ୍ଥାନ ଯାହା ଯାତ୍ରାର ପ୍ରବଳ ବିରୋଧୀ ସ୍ଥାନ। ଅତଏବ ଏହାର ଉପଯୁକତ ଧ୍ୟାନ ଧାରଣା କେହି କେହି ଯାତ୍ରା ନକରିବା ଭଲ।

ଯେ କୌଣସି ବ୍ୟକ୍ତିର ଜନ୍ମ ତାଙ୍କର ଶତ୍ରୁ ହାତରେ ନପଡ଼ିବା ଦରକାର। ଏପରି ହେଲେ ତାର କିପରି ପ୍ରତିରୋଧ କରାଯିବ ତାହା ଜଣାପଡ଼ିଯିବ। ଦେବ ଆୟୁଧ ଦେଖନ୍ତୁ ରାକ୍ଷସ ସଂହାର ଦେଖନ୍ତୁ ସବୁ ଏକ ଅସ୍ତ୍ରରେ ନୁହଁ କି ଏକ ଦେବତା ଦ୍ୱାରା ନୁହଁ। ଅତଏବ ନେତାମାନେ ବିଶ୍ୱସ୍ତ ହେଲେ ଜନ୍ମ ସମୟ ତାରିକ ପ୍ରକାଶ କରନ୍ତୁ ନାହିଁ। ପୁଣି ଅର୍ଥ ପାଇଁ ଜ୍ୟୋର୍ତିବିଦ ଅନର୍ଥ କରିପାରନ୍ତି ଏହା ବି ମନେ ରଖନ୍ତୁ।

*ବରେଣ୍ୟ ବାଣୀ’ ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ମୋ: ୯୪୩୭୦୩୧୨୫୩*




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ। ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ। ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା। ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି। ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ। ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ। ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ। ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ। ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ। ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବଦ୍ରବକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ। ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି। ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ। କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ। ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ। ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ। ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ। ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ। ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ। ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ। ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ। ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ। ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ। ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍। ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ। ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ। ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ। ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



**ବିଜ୍ଞାନ ରଂଜନ ସାହୁ**

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ। ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି। ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ। ଏଣୁ ସେମାନେ ଭାଗଚାଷ କରନ୍ତି। ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ। ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ। ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି। କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ। ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି। କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି। ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ। ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ। ଏହାଦ୍ୱାରା ଅଧିକ ଅମଳ ହୋଇଥାଏ। କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ। ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ। ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି। ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ। ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ। ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ? ଖାଦ୍ୟ ଆସିବ କେଉଁଠାରୁ। ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର। ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ। ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ। ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ। ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ। ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



**ବିଜ୍ଞାନ ମିହିର ରାଉତ**

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା। ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି। ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ। ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ। ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ଡିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପିଆକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଘନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଟି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ। ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।




# ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସଚେତନତା ସଭା



ବାଲେଶ୍ୱର (ପିଏନ୍)- ବିଶ୍ୱ ଜନସଂଖ୍ୟା ଦିବସ-୨୦୨୨ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲୋକମାନଙ୍କୁ ଏ ସମ୍ପର୍କରେ ସଚେତନ କରିବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହିତ ପରିବାର ନିୟୋଜନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଥିବା ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ୍ ଏଲିନା ସାମଲ, ଏଡିପିଏଚସିଓ ଶ୍ରୀ ରମଣୀକାନ୍ତ ଭଞ୍ଜ ପ୍ରମୁଖ ଏଥିରେ ଉପସ୍ଥିତ ରହି ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ହୋର୍ଡିଂ, ପୋଷ୍ଟର, ଲିଫ୍‌ଲେଟ୍ ବଂଟନ ଏବଂ ସଚେତନତା ରଥ ପରିକ୍ରମା ମାଧ୍ୟମରେ ଲୋକମାନଙ୍କୁ ପରିବାର ନିୟୋଜନର ଆବଶ୍ୟକତା ଓ ଫାଇଦା ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ୨୦୨୧-୨୨ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଏବଂ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବା ବ୍ଲକ, ଡାକ୍ତର ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରିବାର ନିୟୋଜନ କ୍ଷେତ୍ରରେ ଖଇରା ବ୍ଲକ ଜିଲ୍ଲାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ଡାକ୍ତର ବେଣୁଧର ହୁଇ ଜିଲ୍ଲାରେ ଅଧିକ ସଂଖ୍ୟାରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବାରୁ ପୁରସ୍କୃତ ହୋଇଥିଲେ । ଡାକ୍ତର ଅନୁପ କୁମାର ଘୋଷଙ୍କୁ "ଲାଇଫ୍ ଟାଇମ୍ ଆୱାର୍ଡ ଇନ ଫ୍ୟାମିଲି ପ୍ଲାନିଂ ସର୍ଭିସ" ପ୍ରଦାନ କରାଯାଇଥିଲା । ଏହି ସଚେତନତା ସଭାରେ ଜିଲ୍ଲା ଓ ବ୍ଲକସ୍ତରୀୟ ମେଡିକାଲ ଅଫିସର, ବିପିଏମ, ପିଏଚଇଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ୧୯୮୪ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପ୍ରଫୁଲ୍ଲ ଶତପଥୀ ଓ ସୁଦୀପ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରତିଭା ଦାଶ, ସୁବାସ ଦାସ, ଜାଫର ଅହମ୍ମଦ, ପ୍ରମୋଦ ଦାସ, ଅନିମା ଦାସ, ଚମ୍ପାବତୀ ସାମଲ, ପ୍ରଦ୍ୟୁମ୍ନ ନାୟକ, ବାଇଧର ମଲିକ, ଆଦିକନ୍ଦ ମର୍ହି, ଆବେଦା ବେଗମ, ସାଇସ୍ତା ଜମାଲ, ଶୈଳବାଳା ରାଉତ, ସଂଜୀବ ସାମନ୍ତରାୟ, ଅମୀୟ ସ୍ୱାଇଁ, ଅବଦୁଲ ଆହଦ୍, ଚୈତନ୍ୟ ରାଉତ, ଅଭିମନ୍ୟୁ ପଣ୍ଡା, ରମାକାଂ ମୁଦୁଲି, ସମସୁଲ ହକ୍, ସଂଜୁଲତା ରାଉତ, ନିରଂଜନ ରାଉତ ପ୍ରମୁଖ ଯୋଗାଦେଇ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ବାଣୀପୀଠର ପୁରାତନ ଶିକ୍ଷକ ଶୁକଦେବ ପତି ଓ ଅରୁଣ ରଂଜନ ପାଢୀଙ୍କୁ ପୁରାତନ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅଶୋକ ଖୁଂଟିଆ ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ ପତ୍ରିକା 'ବୋଉ' ଓ କବିତା ସଂକଳନ 'ଅନ୍ତିମ ଅଭିଳାଷ' ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): କୌଶଲ୍ୟା ସାହିତ୍ୟ ସଂସଦ ପରିଷଦ ପକ୍ଷରୁ ପ୍ରକାଶିତ ତ୍ରୟୋମାସିକ ସାହିତ୍ୟ ପତ୍ରିକା 'ବୋଉ' ଓ ଲେଖିକା ବୁନି ତ୍ରିପାଠୀଙ୍କ କବିତା ସଂକଳନ 'ଅନ୍ତିମ ଅଭିଳାଷ' ସ୍ଥାନୀୟ ୟୁନିଟ୍-୯ ସ୍ଥିତ ଜନକଲ୍ୟାଣ ଭବନଠାରେ ଲୋକାର୍ପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ସହିଦ୍ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ, ସାହିତ୍ୟିକ ଡ. ଚିତରଂଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଓ ବରିଷ୍ଠ ସାମ୍ବାଦିକ ଡ. ଅସିତ୍ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଫେସର ସ୍ତମ୍ଭକାର ନାରାୟଣ ମହାନ୍ତି ଯୋଗଦେଇ ସାହିତ୍ୟ ପତ୍ରିକା ବହୁ କଂଟକିତ ପଥ ଦେଇ ଅତିକ୍ରମ କରିବା ସହିତ ସାଧାରଣ ଜନତା ମା' ମାଟି ଓ ମାତୃଭାଷା ପାଇଁ ସମର୍ପିତ ମନୋଭାବ ସହ ଆଗେଇ ଆସନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସମାଜରେ ସାହିତ୍ୟ ମାଧ୍ୟମରେ ବ୍ୟାପକ ପରିବର୍ତ୍ତନ ହୋଇପାରିବା ସହିତ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅନୁରକ୍ତି ଭାବ ବୃଦ୍ଧି ପାଇବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। 'ବୋଉ' ସଂପାଦକ ସଂଜୟ କୁମାର ଚୌଧୁରୀ କାର୍ଯ୍ୟକ୍ରମକୁ ସଂଯୋଜନା କରି ମତବ୍ୟକ୍ତ କରି କହିଥିଲେ ଯେ, ପତ୍ରିକାଟିଏ କରିବା ଅଧୁନା ସମୟରେ ବହୁ କଷ୍ଟସାଧ୍ୟ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ସାହିତ୍ୟିକ ଡ. ଚିତରଂଜନ ମହାନ୍ତି, ସରୋଜ କୁମାର ସେଠୀ, ଭାସ୍କର ଚନ୍ଦ୍ର ବେଦାନ୍ତ ପ୍ରମୁଖଙ୍କୁ ଧନ୍ୟବାଦ ଦିଆଯିବା ସହ ଅତିଥି ପରିଚୟ ଓ ଧନ୍ୟବାଦ ସହ-ସଂପାଦକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ପ୍ରଦାନ କରିଥିଲେ।

# ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ପ୍ରତିବାଦ

ଭୁବନେଶ୍ୱର (ପିଏନ୍): ଏସ୍.ଏଫ୍.ଆଇ. ଓ ଡି.ୱାଇ.ଏଫ୍.ଆଇ. ତରଫରୁ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ କେନ୍ଦ୍ର ସରକାରଙ୍କର ଜନବିରୋଧୀ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ପ୍ରତିବାଦ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦ ପୂର୍ବରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ମହାତ୍ମାଗାନ୍ଧୀ ମାର୍ଗରେ ଏକ ପଟୁଆର ପରିକ୍ରମା କରି ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡି.ୱାଇ.ଏଫ୍.ଆଇ.ର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ଏସ୍.ଏଫ୍.ଆଇ. ଛାତ୍ରନେତା ଶୁଭ୍ରାଂଶୁ ଉଦ୍‌ଗାତା, ଡି.ୱାଇ.ଏଫ୍.ଆଇ. ଭୁବନେଶ୍ୱର ନେତା ଭାଗିରଥୀ ପ୍ରଧାନ, ମନ୍ମଥ ସାହୁ, ସୁନୀଲ ଗୌଡ଼, ରତ୍ନାକର ପାତ୍ର, ପ୍ରାକ୍ତନ ଛାତ୍ରନେତା ପ୍ରଦୀପ୍ତ ନାୟକ, ପ୍ରାକ୍ତନ ଡି.ୱାଇ.ଏଫ୍.ଆଇ. ନେତା ପ୍ରଭାତ ପାଣିଗ୍ରାହୀ, ବସନ୍ତ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କର ଯୁବ ବିରୋଧୀ ନୀତିକୁ ତୀବ୍ର ନିନ୍ଦା କରିଥିଲେ। କହିଥିଲେ ବର୍ଷକୁ ୨ କୋଟି ନିଯୁକ୍ତି ଦେଇ ପାରିନଥିବା ପ୍ରଧାନମନ୍ତ୍ରୀ ଏବେ ଅଗ୍ନିପଥ ଯୋଜନା ନାଁରେ ୪ ବର୍ଷିଆ ଠିକା ନିଯୁକ୍ତି ଘୋଷଣା ଦେଶ ବିରୋଧୀ କାର୍ଯ୍ୟକଳାପକୁ ଦର୍ଶାଉଛି। ସରକାର ପେନସନ୍ ବାତିଲ କରିବା ସହ ପ୍ରକାରାନ୍ତରେ ୪ ବର୍ଷିଆ ନିଯୁକ୍ତି ଦେଇ ଏକ ବେସରକାରୀ ସାମରିକ ଗୁଣ୍ଡାବାହିନୀ ତିଆରି କରିବାକୁ ଯୋଜନା ନେଇଛନ୍ତି। ଏହା ଦେଶର ଭାଇଚାରା ଓ ସାର୍ବଭୌମତ୍ୱକୁ ନଷ୍ଟ କରିବ। ତେଣୁ ସରକାର ଏହି ଯୋଜନାକୁ ପ୍ରତ୍ୟାହାର କରିବା ସହ ସେନାବାହିନୀରେ ସ୍ଥାୟୀ ନିଯୁକ୍ତି ଦେବା ସହ କେନ୍ଦ୍ର ସରକାରୀ ଦପ୍ତରରେ ଖାଲିଥିବା ସମସ୍ତ ପଦବୀ ପୂରଣ କରିବାକୁ ବକ୍ତାମାନେ ଦାବି କରିଛନ୍ତି।

# ରାଜ୍ୟର ପନିପରିବା ଉତ୍ପାଦନକାରୀ ଚାଷୀଙ୍କ ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କିନ୍ତୁ ଧାନଚାଷକୁ ଛାଡ଼ିଦେଲେ ଅନ୍ୟାନ୍ୟ ଅର୍ଥକରୀ ଚାଷରେ ଓଡ଼ିଶା ପଛୁଆ। ଚାଷୀଙ୍କ ଆଗ୍ରହ ସୁନା ଥିଲେ କାନ ନାହିଁ, କାନ ଥିଲେ ସୁନା ନାହିଁ ପରି ଅନେକ ପ୍ରାକୃତିକ ସମ୍ବଳର ସୁଯୋଗ ଥାଇ ମଧ୍ୟ ବର୍ତ୍ତମାନ ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଆଜି ଓଡ଼ିଶା ଆନ୍ଧ୍ର, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟ ଉପରେ ଆଳୁ, ପିଆଜ, ଫୁଲ, ମାଛ, ଅଣ୍ଡା ପ୍ରଭୃତି ଉପରେ ନିର୍ଭର କରୁଛି। ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଗୋଟିକ ପରେ ଗୋଟିଏ କୃଷି ଯୋଜନାର ସ୍ୱପ୍ନ ଚାଷୀଙ୍କୁ ଦେଖାଉଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ କୌଣସି ଏକ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିମୂଳକ ବ୍ୟବସ୍ଥା କରାଗଲା ନାହିଁ। ଆଳୁ ମିଶନ ଓ ପିଆଜ ମିଶନ୍ ଫେଲ୍ ମାରିଛି। କେନ୍ଦ୍ରରେ ପୂର୍ବରୁ ଥିବା ୟୁପିଏ ସରକାର ଜାତୀୟ ଉଦ୍ୟାନ କୃଷି ମିଶନ ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରିଥବା ବେଳେ ଉଦ୍ୟାନ ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଓ ଚାଷୀଙ୍କ ପ୍ରତି ଖାମଖିଆଲ ଯୋଗୁଁ ଏହା ବିଶେଷ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏପରିକି ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସୁ-ବିପଣନ, ସଂଗ୍ରହ ଓ ସଂରକ୍ଷଣ, ରପ୍ତାନୀ, ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହାର ସୁଫଳ ମିଳିନାହିଁ। ଚାଷୀ ପନିପରିବା ଚାଷ କରିବାକୁ ପୂର୍ବ ତୁଳନାରେ ଏବେ ଅଧିକା ଆଗ୍ରହୀ। କିନ୍ତୁ ସରକାରଙ୍କ ଚରମ ଅବହେଳା ଓ ଦଲାଲ ବେପାରୀମାନଙ୍କ କବ୍ଜାରେ ପନିପରିବା ଚାଷୀ ବହୁ କ୍ଷତିଗ୍ରସ୍ତ। ପନିପରିବା କ୍ଷତି ହେବାରେ ମଧ୍ୟ ମାଙ୍କଡ଼ ଉପଦ୍ରବ ଏକ କାରଣ। ଏହାର ପ୍ରତିକାର ପାଇଁ ମଧ୍ୟ ସରକାର ନୀରବଦ୍ରଷ୍ଟା। ପୂର୍ବରୁ ଥିବା ଶୀତଳଭଣ୍ଡାରଗୁଡ଼ିକ ଏବେ ଅଚଳ। ନିକଟ ଅତୀତରେ ସରକାର ଯେଉଁ କେତୋଟି ଶୀତଳଭଣ୍ଡାର ରାଜକୋଷ ଅର୍ଥରେ ନିର୍ମାଣ କରିଛନ୍ତି ତାହା କାର୍ଯ୍ୟକାରୀ କରୁନାହିଁ। ପନିପରିବା ଉତ୍ପାଦନ ଓ ସାଇତି ରଖିବାରେ ବିଜୁଳି କର ଚାଷୀର ମୁଣ୍ଡରେ ଚଡ଼କ ପଡୁଛି। ଦୀର୍ଘ ୨୨ ବର୍ଷ ମଧ୍ୟରେ ରାଜ୍ୟ ବିଜେଡ଼ି ସରକାର ଅଣଧାନ ଅର୍ଥକରୀ ଚାଷ ପ୍ରତି ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ତେଣୁ ଅବିଳମ୍ବେ ରାଜ୍ୟ ସରକାର ରାଜ୍ୟର ଚାହିଦା ଅନୁଯାୟୀ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ପନିପରିବା ଉତ୍ପାଦନ ଅଞ୍ଚଳର ସଂପ୍ରସାରଣ, ସୁ-ବିପଣନ, ରୋଗପୋକ ପରିଚାଳନା, ସଂଗ୍ରହ, ସଂରକ୍ଷଣ, ରପ୍ତାନୀ, ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତି କରଣ ୟୁନିଟ୍, ଜିଲ୍ଲାୱାରୀ ଅଞ୍ଚଳ ଭିତ୍ତିରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାକୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କଂଗ୍ରେସ ଦଳ ତରଫରୁ ସରକାରଙ୍କ ନିକଟରେ ଦୃଢ଼ଦାବୀ କରିଛନ୍ତି। ଯଦି ଏହାର ଆଶୁ ସମାଧାନ କରା ନ ଯାଏ କିଷାନ କଂଗ୍ରେସ ପକ୍ଷରୁ କୃଷି ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): ଜନତାଙ୍କ ସେବା କରିବା ପାଇଁ ନିଷ୍ଠା, ଆନ୍ତରିକତା ଓ ପ୍ରତିବଦ୍ଧତା ଥିଲା ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ପାଖରେ ବୋଲି ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଆୟୋଜିତ ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜନ୍ମଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତଃ ମହାନ୍ତିଙ୍କର ମୂଲ୍ୟବୋଧ ଭିତ୍ତିକ ରାଜନୀତି ପ୍ରତି ପ୍ରତିବଦ୍ଧତା ଥିଲା। ମଣିଷକୁ ମଣିଷ ପରି ଗଢିତୋଳିବାକୁ ଭାଗବତବାବୁ ବିଭିନ୍ନ ଅନୁଷ୍ଠାନ ଗଢିତୋଳି ଥିଲେ। ତାଙ୍କର ସେହି ଆଦର୍ଶ ଓ ଲକ୍ଷ୍ୟର ସ୍ୱପ୍ନକୁ ପୁରଣ କରିବା ପାଇଁ ଆମକୁ ସମୟ ଏବଂ ସୁଯୋଗର ସଦ୍‌ଉପଯୋଗ କରିବାକୁ ପଡିବ ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ତପନ କୁମାର ପତି କହିଥିଲେ ଯେ ଭାଗବତ ବାବୁ ଥିଲେ କେନ୍ଦ୍ରାପଡାର ଅର୍ଦ୍ଧଶତାବ୍ଦୀର ଇତିହାସ। ତାଙ୍କ ନିକଟରେ ମାନବୀୟ ମୂଲ୍ୟବୋଧ ଭରି ରହିଥିଲା। ସେ ଥିଲେ ସ୍ମୃତିର ସୌଧ, କେନ୍ଦ୍ରାପଡାର ଗାନ୍ଧୀ। ତାଙ୍କର ଦୃଢତା,



ସ୍ପଷ୍ଟବାଦିତା, ସାଧୁତା ଓ ସଚ୍ଚୋଟତା ପାଇଁ ସେ ଲୋକଙ୍କ ପାଖରେ ଆଜିବି ଚିରସ୍ମରଣୀୟ ହୋଇ ରହିଛନ୍ତି। ସେ କେବଳ ରାଜନେତା ନଥିଲେ ଥିଲେ ରାଷ୍ଟ୍ରନେତା ବୋଲି ମୁଖ୍ୟବକ୍ତା ଶ୍ରୀ ପତି କହିଥିଲେ। ଟ୍ରଷ୍ଟର ସଦସ୍ୟ ଫକିର ଚରଣ ଖଟୁଆ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ସଞ୍ଚାଳନ କରିଥିଲେ। ସ୍ୱର୍ଗତଃ ଭାଗବତବାବୁ ଥିଲେ ଜଣେ ଦକ୍ଷ ରାଜନୀତିଜ୍ଞ, ଶିକ୍ଷାବିତ, ଅନେକ ଅନୁଷ୍ଠାନର ସ୍ରଷ୍ଟା, କେନ୍ଦ୍ରାପଡା ରାଜନୀତିର ଭୀଷ୍ମପିତାମହ, କେନ୍ଦ୍ରାପଡାର ଗୌରବ, ଅପ୍ରତିଦ୍ୱନ୍ଦୀ ରାଜନେତା, ବିଶିଷ୍ଟ ସମାଜବାଦୀ ନେତା, କେନ୍ଦ୍ରାପଡାର ବାଇମୁଣ୍ଡି, ସ୍ୱକ୍ରୀୟ ପ୍ରତିଭା ବଳରେ ଇତିହାସକୁ ବଦଳେଇ ଦେଉଥିବା ନେତୃତ୍ୱ, ସ୍ୱଚ୍ଛତା, ସାଧୁତା, ସମୟାନୁବର୍ତ୍ତୀତାର ମୂର୍ତ୍ତିମନ୍ତ ପ୍ରତିକ ତଥା ସ୍ୱଚ୍ଛ, ନିଷ୍କପଟ ଓ ସତ୍ୟବାଦୀ ଭାବେ ରାଜନୀତିରେ ଜଣେ ଧୁରୀଣ ନେତା ଭାବରେ ସାରା ଓଡିଶାରେ ତାଙ୍କର ଥିଲା ସ୍ୱତନ୍ତ୍ର ସ୍ଥାନ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, କବୟିତ୍ରୀ ଡଃ. ଅପର୍ଣ୍ଣା ମହାନ୍ତି, ପ୍ରାକ୍ତନ ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ କୁମାର ଜେନା ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ବିଶିଷ୍ଟ ସମବାୟବିତ ପ୍ରମୋଦ ସାହୁ, ଅଧ୍ୟାପକ ଅଜୟ ରାଉତ, ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିମ୍ବାଧର ମୁଦୁଲି, କେନ୍ଦ୍ରାପଡା ଅର୍ବାନକୋପରେଟିଭ ବ୍ୟାଙ୍କର ପୂର୍ବତନ ସିଇଓ ସୁଶିଲ କୁମାର ସାମଲ, ବିଜେଡି ନେତା ଭଜକୃଷ୍ଣ ରାଉତ, 'ସ୍ୱାଧୀକାର' ସମ୍ପାଦକ ଅକ୍ଷୟ କୁମାର ପତି, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ସାହୁ, ଗୋପାଳ ମାହାଲିକ, ସିପିଆଇ ନେତା ବାବାଜୀ ଧଳ, ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ର,, ଡା. ବିଶ୍ୱପ୍ରକାଶ କାନୁନଗୋ, ପ୍ରଫେସର କୁଞ୍ଜବିହାରୀ ପଣ୍ଡା, ବିଧୁଭୂଷଣ ମହାପାତ୍ର, ମହେନ୍ଦ୍ର ପରିଡା, ଗୋପାଳକୃଷ୍ଣ ଜେନା, ରଶ୍ମୀରଞ୍ଜନ ଚୌଧୁରୀ, ରତିକାନ୍ତ କାନୁନଗୋ, ମହମ୍ମଦ ଆକବର ଅଲ୍ଲୀ, ଯୁବ ବିଜେଡି ଜିଲ୍ଲା ସଭାପତି ରାଜେଶ ଦାସ, ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ, କରୁଣାକର ଦାସ, ପ୍ରାକ୍ତନ ନଗରପାଳ ଧିରେନ ସାହୁ, ଶ୍ରୀକାନ୍ତ ନାୟକ, ପ୍ରଫୁଲ୍ଲ ସାହୁ, କବୟିତ୍ରୀ ବୀଣାପାଣୀ ଚୌଧୁରୀ, ସମାଜସେବୀ ଗାୟତ୍ରୀ ମହାନ୍ତି, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାରୋ ଭାବଗ୍ରାହୀ କଳାନିକେତନର ଶିଳ୍ପୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଟ୍ରଷ୍ଟି ବସନ୍ତ କୁମାର ସେଠୀ ବିବରଣୀ ପ୍ରଦାନ କରିଥିବା ବେଳେ ଶରତ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ବଡ଼ପାଳ ପଞ୍ଚାୟତର ସରପଞ୍ଚ ତଥା ଓଡ଼ିଶା ସେବା ସଂଗଠନର ଅଧ୍ୟକ୍ଷ ଇଂ. କମଳଲୋଚନ ପଣ୍ଡାଙ୍କ ଜନ୍ମଦିନ ଉପଲକ୍ଷେ ସେବା ସଂଗଠନ ଓଡ଼ିଶା ଓ 'ସମ୍ବାଦ-ଆମ ଓଡ଼ିଶା' ମିଳିତ ସହଯୋଗରେ ବାଙ୍କତିରା ସ୍କୁଲରେ ଏକ ସ୍ୱେଚ୍ଛାକୃତ ରକ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ବାଲେଶ୍ୱର ରକ୍ତ କେନ୍ଦ୍ରର ଡାକ୍ତର ମହେଶ କୁମାର ବିଶ୍ୱାଳ ଓ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଉମେଶ ଚନ୍ଦ୍ର ପତୀ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବେଣୁଧର ଜେନା, ସମାଜସେବୀ ଉଜ୍ଜ୍ୱଳ କୁମାର ଜେନା ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ଜନ୍ମଦିନରେ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ନିରାମୟ ଜୀବନ କମନା କରିଥିଲେ। ଡାକ୍ତର ବିଶ୍ୱାଳ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିବା ବେଳେ ଟେକ୍ନିସିଆନ ଦେବାଶିଷ ଦତ୍ତ ଓ ଜଗତଜ୍ୟୋତି ତ୍ରିପାଠୀ ସହଯୋଗୀ ମନୋରଞ୍ଜନ ଦାସ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୪୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସଂଗଠନର ଜିଲ୍ଲା ସଭାପତି ସରୋଜ କୁମାର ସାହୁ, ସଂପାଦକ ଶଶୀକାନ୍ତ ବାରିକ, ବିଜୟ କିଶୋର ପଡ଼ିଆରୀ, ମନୋଜ କୁମାର ରାଉତ, ଜଗଦେବ ପଣ୍ଡା, ଅମର ଜେନା, କ୍ରିତିକ୍ କୁମାର ବିନ୍ଧାଣୀ, ଜୟନ୍ତ ପଡ଼ିଆରୀ, ଜୀବନ ଜେନା, ସୁନିଲ ଦଳେଇ, ଚନ୍ଦନ ଜେନା, ତାପସ ସାମଲ, ରଘୁନାଥ ଜେନା, ଗୌରୀଶଙ୍କର ଜେନା, ବିଘ୍ନେଶ୍ୱର ଜେନା, 'ଆମ ଓଡ଼ିଶା' ସହଯୋଗୀ ଲକ୍ଷ୍ମୀଧର ବାରିକ ଓ ବାଙ୍କତିରା ଗ୍ରାମବାସୀ ଶିବିରକୁ ପରିଚାଳନା କରିଥିଲେ।

# ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ଉଦ୍‌ଘାଟିତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ସଂସ୍କୃତି ଭବନ ପରିସରରେ ନବନିର୍ମିତ ଆଂଚଳିକ ଚିତ୍ରକଳା ଗ୍ୟାଲେରୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆ।ଭା।ସି (ଭର୍ଚୁଆଲ)ରେ ଉଦଘାଟନ କରିଛନ୍ତି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ନିର୍ମିତ ଭୁବନେଶ୍ୱରର କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ଗଞ୍ଜାମ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟଠାରେ ନିର୍ମିତ ୫ଟି ଆଂଚଳିକ ଆର୍ଟ ଗ୍ୟାଲେରୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆଭାସିରେ ଉଦଘାଟିତ ହୋଇଥିଲା । ଏହି ଅବସରରେ ଓଡିଶାର ସାଂସ୍କୃତିକ ଗୌରବ ଓ ଐତିହ୍ୟ ଉପରେ ଆଲୋକପାତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ସଂସ୍କୃତି ଏବଂ କଳାର ଗନ୍ତାଘର । ଆମ ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ହସ୍ତଶିଳ୍ପର ପରମ୍ପରା ଅନନ୍ୟ । ଏହା ଆମ ସାଂସ୍କୃତିକ ଐତିହ୍ୟର ବିବିଧତାକୁ ଦର୍ଶାଇଥାଏ । କଳା ଆମ ରକ୍ତରେ ପ୍ରବାହିତ ଏବଂ ମସ୍ତିଷ୍କରେ ସନ୍ନିବେଶିତ । ଏହି କଳାତ୍ମକ ପରମ୍ପରାକୁ ବଂଚାଇବାର ଦାୟିତ୍ୱ ଆମ ସମସ୍ତଙ୍କର । ଏହାର ସୁରକ୍ଷା, ସଂରକ୍ଷଣ ସହିତ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ମିଳିତ ଉଦ୍ୟମ ଏକାନ୍ତ ଆବଶ୍ୟକ । ଆଂଚଳିକ ଚିତ୍ରକଳା ଗ୍ୟାଲେରୀ ସ୍ଥାନୀୟ ଚିତ୍ରଶିଳ୍ପୀ ଓ କଳାପ୍ରେମୀଙ୍କୁ ଉତ୍ସାହିତ କରିବ ଏବଂ କଳାର ବିକାଶରେ ସହାୟକ ହେବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାନ୍ୟବର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆର୍ଟ ଗ୍ୟାଲେରୀଗୁଡିକ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କ ସୃଜନାତ୍ମକ ବିକାଶରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡିଶା ଲଳିତ କଳା ଏକାଡେମୀ ସଭାପତି ଶ୍ରୀ ସୁଦର୍ଶନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଶ୍ରୀ ଭି.କେ.ପାଣ୍ଡିଆନ, ଉନ୍ନୟନ କମିଶନର ଶ୍ରୀ ପି.କେ. ଜେନା ପ୍ରମୁଖ ଉପସ୍ଥିତ ଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ସାହିତ୍ୟ ଅକାଦେମିର ଅସ୍ମିତା କାର୍ଯ୍ୟକ୍ରମ ଅନୁଷ୍ଠିତ



କୋଲକାତା, (ପି.ଏନ); ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସାହିତ୍ୟ ଅକାଦେମି ଏବଂ ଏପାର ଉପାର ଉତ୍ସବ କମିଟିର ମିଳିତ ଆନୁକୂଲ୍ୟରେ କୋଲକାତାସ୍ଥିତ ସାହିତ୍ୟ ଅକାଦେମି ପ୍ରେକ୍ଷାଳୟରେ ଏକ ଅସ୍ମିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସାହିତ୍ୟ ଅକାଦେମିର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ। ନାରୀ ସାହିତ୍ୟର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱରଚିତ କବିତା ପାଠ କରିଥିଲେ କବି ଡାଲିୟା ବସୁ ସାହା, ସପ୍ତର୍ଷି ଭୌମିକ୍, ଇନ୍ଦ୍ରାଣୀ ବିଶ୍ୱାସ ମଣ୍ଡଳ, ମଧୁପର୍ଣ୍ଣା ବସୁ, ଝରଣା ଭଟ୍ଟାଚାର୍ଯ୍ୟ, ଦୀପଶିଖା ଚକ୍ରବର୍ତ୍ତୀ, ମହୁଆ ଦାସ, ଶାଶ୍ୱତୀ ଭଟ୍ଟାଚାର୍ଯ୍ୟ, ଶକୁନ୍ତଳା ସାନ୍ୟାଲ, ତିଳୋତ୍ତମା ବସୁ ଏବଂ ଉପାସନା ସରକାର। ପଠିତ କବିତାଗୁଡ଼ିକ ମହିଳାମାନଙ୍କ ଦୁଃଖ ଏବଂ ସାହସିକତା ଉପରେ ଆଧାରିତ ଥିଲା। ସୁନୀଲ ଗଙ୍ଗୋପାଧ୍ୟାୟ ଏବଂ ସମରେଶ ମଜୁମଦାରଙ୍କ ଦୁଇ ପ୍ରସିଦ୍ଧ ମହିଳା ଚରିତ୍ର ନୀରା ଏବଂ ମାଧବୀଲତା ସମ୍ପର୍କରେ ଆଲୋଚନା କରିଥିଲେ ନନ୍ଦିନୀ ଭଟ୍ଟାଚାର୍ଯ୍ୟ ଏବଂ ସୁଦୀପ୍ତା ରାୟ ଚୌଧୁରୀ ମୁଖାର୍ଜୀ। ଶେଷରେ ଏପାର ଓପାର ଉତ୍ସବ କମିଟିର ସଭାପତି ପିନାକି ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସ୍କାଉଟ୍ ଓ ଗାଇଡ୍ ତରଫରୁ ମହାଶିବିରାତ୍ରୀ ସେବା ଶିବିର



ଭୁବନେଶ୍ୱର, (ପି.ଏନ): ମହାଶିବରାତ୍ରୀ ଅବସରରେ ଶ୍ରୀମହାଦେବଙ୍କର ଦର୍ଶନାଭିଳାଷୀ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସମାବେଶ ଶ୍ରୀଲିଙ୍ଗରାଜ ମନ୍ଦିର ଶୈବପୀଠରେ ସମବେତ ହୋଇଥିଲା। ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳି ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ତରଫରୁ ସେବା ଶବିର ଆୟୋଜନ କରାଯାଇଥିଲା। ୧୮୦ ଜଣ ସ୍କାଉଟ୍, ଗାଇଡ୍, ରୋଭର ଓ ରେଂଜରମାନେ ଲିଙ୍ଗରାଜ ମନ୍ଦିର, ରାମମନ୍ଦିର, ୟୁନିଟ୍-୯ ଇତ୍ୟାଦି ଭୁବନେଶ୍ୱରର ବିଭିନ୍ନ ଶୈବପୀଠରେ ବିଭିନ୍ନ ସେବା କାର୍ଯ୍ୟ କରିଥିଲେ। ମନ୍ଦିର ପରିପାର୍ଶ୍ୱ ସଫାସୁତୁରା କରିବା ସଂଗେ ସଂଗେ ଜଳବଣ୍ଟନ, ଜଳସିଞ୍ଚନ କରିଥିଲେ। ଧାଡ଼ିରେ ରହିବା ପାଇଁ ଶୃଙ୍ଖଳା ରକ୍ଷା କରିଥିଲେ। ରାଜ୍ୟ କାର୍ଯ୍ୟାଳୟର ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ରାଜ୍ୟ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ସେବା ଶିବିରରେ ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଅନ୍ୱେଷଣର ପକ୍ଷରୁ ବରୁଣେଶ୍ୱର ପୀଠରେ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ




ଯାଜପୁର,(ପି.ଏନ):ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ଆଜି ପବିତ୍ର ମହାଶିବରାତ୍ରି ଅବସରରେ ଅସହାୟ କର୍କଟ ପିଡ଼ିତ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ସମାଜ ମଙ୍ଗଳ ହୁଣ୍ଡି ଦାନ କାର୍ଯ୍ୟକ୍ରମ ଅରେଇ ଗ୍ରାମ ପ ାୟତର ବରୁଣେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ଅନ୍ୱେଷଣ ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଏକତିତ୍ର ହୋଇ ବାବା ବରୁଣେଶ୍ୱରଙ୍କୁ ଦର୍ଶନ କରି ପ୍ରଭୁଙ୍କ ଠାରୁ ଆଶୀର୍ବାଦ ଲାଭକରି ମନ୍ଦିର ସମ୍ମୁଖରେ ସମାଜ ମଙ୍ଗଳ ହୁଣ୍ଡି ଧରି ଆସିଥିବା ଭକ୍ତମାନଙ୍କୁ ଅସହାୟ କର୍କଟ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ବିନମ୍ର ନିବେଦନ କରିଥିଲେ। ଭକ୍ତମାନେ ତାଙ୍କର ଯଥା ଶକ୍ତି ମୁତାବକ ଏହି ସମାଜ ମଙ୍ଗଳ ହୁଣ୍ଡିରେ ଦାନ କରିଥିଲେ। ପ୍ରକାଶ ଥାଉକି ଗତ ୧୭ ତାରିଖରେ ଅନ୍ୱେଷଣର ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ଅସହାୟ କର୍କଟ ପିଡ଼ିତ ପିଡ଼ିତାଙ୍କ ଉଦ୍ଦେଶ୍ୟରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରାଯାଇଥିଲା। ଏହି ହୁଣ୍ଡିଟି ପୂର୍ଣ୍ଣ ହୋଇଗଲେ ଜଣେ ଅସହାୟ କର୍କଟ ପିଡ଼ିତ ପିଡ଼ିତାଙ୍କ ଉଦ୍ଦେଶରେ ସମର୍ପିତ କରାଯିବ। ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ତାରାକାନ୍ତ ମଲ୍ଲିକ, ଅଶ୍ୱିନୀ କୁମାର ପରିଡ଼ା, ନିର୍ଦ୍ଦେଶକ ଟୁଟୁ ଭାଇ, ଅନୀଲ କୁମାର ଯେନା, ସାଙ୍ଗଠନିକ ସମ୍ପାଦକ ଧନଞ୍ଜୟ ନାୟକ, ବରିଷ୍ଠ ସଦସ୍ୟ ରଞ୍ଜିତା ସେଠୀ, ଶକୁନ୍ତଳା ବେହେରା, ମନିଷା ରାଉତ, ତପସ୍ୱିନୀ ମଲ୍ଲିକ ସାଇସ୍ମିତା ବେହେରା, ସମ୍ପାଦକ ଅଭିମନ୍ୟୁ ମିଶ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କଟେରିଡିହ ବଟେଶ୍ୱର ମହାଦେବଙ୍କ ଜାଗର ଯାତ୍ରା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଟେରିଡିହସ୍ଥିତ ବଟେଶ୍ୱର ମହାଦେବଙ୍କ ମନ୍ଦିରରେ କାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରାତଃ ୪ଟା ବେଳେ ଶ୍ରୀବଟେଶ୍ୱର ମହାଦେବଙ୍କୁ ମହାସ୍ନାନ କାରାଯାଇ ପରେ ମଙ୍ଗଳ ଆଳତୀ କାରାଯିବା ପରେ ଷୋଡଶ ଉପଚାରରେ ପୂଜା କରାଯାଇଥିଲା। ହଜାର ହଜାର ଭକ୍ତ ଶ୍ରୀ ବଟେଶ୍ୱର ମହାଦେବଙ୍କୁ ଦର୍ଶନକରି ଜାଗର ବ୍ରତ ପାଳନ କରିଥିଲେ । ସେହିପରି ସନ୍ଧ୍ୟାରେ ଶ୍ରୀବଟେଶ୍ୱରଙ୍କୁ ମହାଅଭିଷେକ କରାଯାଇଥିଲା। ମନ୍ଦିର ପରିସରରେ ବହୁଭକ୍ତ ଉପବାସ ବ୍ରତ ପାଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ବସିରହିଥିଲେ। ଏହାପରେ ରାତି ୧୧ଟା ସମୟରେ ମହାଦୀପ ଉଠିଥିଲା। ସମସ୍ତ କାର୍ଯ୍ୟ ଶ୍ରୀବଟେଶ୍ୱର ମନ୍ଦିର କମିଟି ପକ୍ଷରୁ ପ୍ରବୋଧ କୁମାର ଦାସ, ଅଲେଖ ପ୍ରସାଦ ଦାସ, ରଞ୍ଜନ କୁମାର ମହାନ୍ତି, ପୂଜକ କା ିକ ଚନ୍ଦ୍ର ରାଉଳ, ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ପରିଚାଳନା କରିଥିଲେ। ମନ୍ଦିର ପରିସରରେ ପ୍ରବଳ ଜନସମାଗମ ହୋଇଥିଲା।

# ପ୍ରାକ୍ତନ ସାଂସଦ ସୁରେନ୍ଦ୍ରନାଥ ଦ୍ୱିବେଦୀ ଭଗିନୀଙ୍କ ପରଲୋକ

କେନ୍ଦ୍ରାପଡ଼ା,(ପି.ଏନ): ପୂର୍ବତନ ଲୋକସଭା ସାଂସଦ ସ୍ୱର୍ଗତ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ବିଶିଷ୍ଟ ପ୍ରଶାସକ ପର୍ଶୁରାମ ଦ୍ୱିବେଦୀଙ୍କ କନିଷ୍ଠା ଭଗିନୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କାଦୁଆ ଗ୍ରାମର ଶିକ୍ଷକରତ୍ନ ଦାମୋଦର ତ୍ରିପାଠୀଙ୍କ ଧର୍ମପତ୍ନୀ କୁଞ୍ଜଲତା ତ୍ରିପାଠୀଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଜ୍ୟେଷ୍ଠପୁତ୍ର ଭାରତୀୟ ତୈଳନିଗମର ବରିଷ୍ଠ ଅଧିକାରୀ ପିତାମ୍ବର ତ୍ରପାଠୀ, ପୁତ୍ରବଧୂ ସୁଲେଖିକା ଇଂ ଗାୟତ୍ରୀ ତ୍ରପାଠୀ, କନିଷ୍ଠପୁତ୍ର ଗିରିଜାଶଙ୍କର ତ୍ରିପାଠୀବୋହୂ ଶର୍ମିଷ୍ଠାଙ୍କ ସମେତ ଦୁଇକନ୍ୟା ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ଜାମାତା ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ, ନାତି ଡା. ଅର୍ଜ୍ଜୁନ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଶୈବପୀଠ ମାନଙ୍କରେ ଜାଗରଯାତ୍ରା ପାଳିତ

କାକଟପୁର,(ପି.ଏନ) : ଶୁକ୍ରବାର ଥିଲା ଫାଲଗୁନ କୃଷ୍ଣ ପକ୍ଷର ଚତୁର୍ଦ୍ଦଶୀ ତିଥି। ପ୍ରତେକ ଶିବ ମନ୍ଦିର ରେ ପାଳିତ ହୋଇଥିଲା ଜାଗର ଯାତ୍ରା। ଏଥିପାଇଁ ପ୍ରାଚୀ ଉପତ୍ୟକାର କପିଳେଶ୍ୱର, ବେଲେଶ୍ୱର, ଗୋକର୍ଣ୍ଣେଶ୍ୱର, ଶୋଭନେଶ୍ୱର, ରାମେଶ୍ୱର, ଅଙ୍ଗେଶ୍ୱର, ଅମରେଶ୍ୱର, ବନ୍ଦେଶ୍ୱର, ଈଶାନେଶ୍ୱର, ପୂର୍ଣ୍ଣେଶ୍ୱର,ଗ୍ରାମେଶ୍ୱର, ନାଟେଶ୍ୱର, ସିଦ୍ଧେଶ୍ୱର, ମୁକ୍ତେଶ୍ୱର, ବୁଢ଼ାଲିଙ୍ଗ, ହରଗଣେଶ୍ୱର, ନୀଳକଣ୍ଠେଶ୍ୱର, ସମେଶ୍ୱର,ବୁଦ୍ଧ ? ଶ୍ୱର, ଶଙ୍କରେଶ୍ୱର, ଈଶ୍ୱରନାଥ ପ୍ରଭୃତି ଶିବ ମନ୍ଦିର ରେ ଜାଗର ଯାତ୍ରା ପାଇଁ ଭକ୍ତମାନଙ୍କ ଭିଡ଼ ପ୍ରାତଃ ରୁ ଆରମ୍ଭ ହୋଇଯାଇଥିଲା। ଭକ୍ତମାନେ ଠାକୁରଙ୍କୁ ଦର୍ଶନକରି ଭୋଗ ଲାଗି କରିଥିଲେ । ସଂଧ୍ୟା ରୁ ହଜାର ହଜାର ଭକ୍ତ ପ୍ରତେକ ମନ୍ଦିର ପରିସର ରେ ଦୀପ ଜାଳି ରାତି ଉଜାଗର ରହିଥିଲେ। କାକଟପୁର ସ୍ଥିତ ସୋମେଶ୍ୱର ଶମ୍ଭୁ ପୀଠରେ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା. ସେବକ ସମିତି ଓ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତ ମାନଙ୍କ ନିମନ୍ତେ ପଣା ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିବାବେଳେ ଶୈବ ଭକ୍ତ ମାନଙ୍କ ଦ୍ୱାରା ଅଷ୍ଟପ୍ରହରୀ କରାଯାଇଥିଲା.ବିଭିନ୍ନ ସ୍ଥାନ ରେ ଭଜନ, କୀର୍ତ୍ତନ,ନାମଯଜ୍ଞ କରାଯିବାସହିତ ଭକ୍ତଙ୍କ ସୁବିଧା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା। ବିଳମ୍ବିତ ରାତିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପରେ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ। ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଜାଗର ଯାତ୍ରା ପାଇଁ ପ୍ରାଚୀ ଉପତ୍ୟକା ଉତ୍ସବ ମୁଖର ହୋଇପଡ଼ିଥିଲା। ଓଁ ନମଃ ଶିବାୟଃ ଧ୍ୱନି ରେ ପ୍ରକମ୍ପିତ ହୋଇ ପଡ଼ିଥିଲା ପୁର ଠାରୁ ପଲ୍ଲୀ।



ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday March 09, 2024 ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୯ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ମହାଶିବରାତ୍ରି ପାଇଁ ଚ଼ଳ ଚ଼ଞ୍ଚଳ ମଲ୍ଲିକେଶ୍ୱର ଶୈବ ପୀଠ



ମାଲକାନଗିରି,(ପି.ଏନ): ଆଜି ମହାଶିବରାତ୍ରି ରାତ୍ର ହେତୁ ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଛି । ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଶୈବ ମନ୍ଦିର ଗୁଡ଼ିକରେ ଶୈବ ଭକ୍ତ ଙ୍କ ସମାଗମ ରହିଥିବା ବେଳେ ମାଲକାନଗିରି ସଦରମହକୁମା ସ୍ଥିତ ମଲ୍ଲୀକେଶ୍ୱର ଶୈବପୀଠ ଅନ୍ୟତମ। ଏହି ଶୈବପୀଠଟି ମାଲ୍ୟବନ୍ତ ପାଡାହର ମଧ୍ୟ ଭାଗରେ ଅବସ୍ଥିତ। ପାହାଡକୁ ଚ଼ଢିବା ପାଇଁ ପାହାଚ଼ ରହିଛି। ମାତ୍ର ଗାଡ଼ି ଯିବା ପାଇଁ ବାଇ ପାଶ ରୋଡ କରାଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ମନ୍ଥର ହେତୁ ଯାନବାହାନ ଚ଼ଲାଚ଼ଳ ହୋଇ ପାରୁ ନାହିଁ। ଫଳରେ ବୃଦ୍ଧବୃଦ୍ଧା ଶ୍ରଦ୍ଧାଳୁମାନେ ତୀଖ ପାହାଚ଼ ଚ଼ଢିବା ପାଇଁ ଅକ୍ଷମତା ପ୍ରକାଶ କରିଥାନ୍ତି। ତଥାପି ଅନ୍ୟାନ୍ୟ ଶୈବପୀଠ ତୁଳନାରେ ମଲ୍ଲୀକେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ ଅଧିକ ରହିଥାଏ । ମଲ୍ଲିକେଶ୍ୱର ଶୈବପୀଠରେ ଭକ୍ତମାନେ ଶାନ୍ତି ଶୃଙ୍ଖଳାର ସହ ଠାକୁରଙ୍କ ଦର୍ଶନ କରିଥିଲେ। ପୁଷ୍ପ, ବେଲପତ୍ର, ଧୂପ,ଦୀପ,ନଡ଼ିଆ, କଦଳୀ,କ୍ଷୀର ନେଇ ଭକ୍ତମାନେ ପାହାଡ ଚ଼ଢି ଭକ୍ତି ଭାବରେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି । ପ୍ରତିବର୍ଷ ମଲ୍ଲିକେଶ୍ୱର ଶୈବ ପୀଠରେ ଏହି ସମୟରେ ଭକ୍ତ ତଥା ମାନସିକ ଧାରି ମାନେ ଏହି ମଲ୍ଲିକେଶ୍ୱର ପୀଠରେ ଜାଗର ଦୀପ ଜାଳି ନିଜର ମନସ୍କାମନା ପୂରଣ କରିଥାନ୍ତି । ମଲ୍ଲୀକେଶ୍ୱର ଶିବଲିଙ୍ଗଟି ପ୍ରକୃତି ଶୈବଲିଙ୍ଗ, ଯାହା କି ଅନ୍ୟତ୍ର ବିରଳ । ଏଠିକା ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ।ଯବକ ଯୁବତୀମାନେ ଏଠାରେ ମୋବାଇଲର ଫଟୋଚ଼ିତ୍ର ଉତ୍ତୋଳନ କରି ଆତ୍ମତୃପ୍ତି ଉପଲବ୍ଧ କରନ୍ତି। ଏହି ପାହାଡ ଚୁଡା ରେ ଦଣ୍ଡାୟମାନ ହେଲେ ମାଲକାନଗିରି ସହର ପ୍ରତିଛବି ଦର୍ଶନାଭିଳାଷୀ ବ୍ୟକ୍ତି ବିଶେଷଙ୍କୁ ମନ୍ତ୍ର ମୁଗ୍ଧ କରିଥାଏ।

## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ,(ପି.ଏନ): ଗୁରୁବାର ଦିନ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ କାର୍ଯ୍ୟାଳୟରେ କାମ କରୁଥିବା ମହିଳା ଅଧିକାରୀ, କର୍ମଚାରୀମାନଙ୍କ ସମେତ କମ୍ପାନୀର ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳାମାନଙ୍କ ମଧ୍ୟରେ ର୍ୟାମ୍ପ ସୋ, ମ୍ୟୁଜିକ୍ ବଲ୍, ବେଲୁନ୍ ଡ୍ୟାନ୍ସ, ହିଡେନ୍ ଟ୍ୟାଲେଣ୍ଟ ଓ ନୃତ୍ୟଗୀତ ପରିବେଷଣ କରିଥିଲେ। ସଫଳତା ହାସଲ କରିଥିବା ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହିଳା ଦିବସ ଅବ୍ୟବାହିତ ପୂର୍ବରୁ ସମସ୍ତେ ଆନନ୍ଦର ସହିତ କେକ୍ କାଟି ଦିବସ ପାଳନ ଖୁସିରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ନିର୍ମଳେନ୍ଦୁ ପୁରୋହିତ ଓ ଧନଂଜୁ କୁମାର ସିହ୍ନାଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚ଼ଚ଼ରାଭଟା ଗାଁ ରେ ଦୋକାନ ଘରକୁ ମାଡ଼ିଗଲା ଗଞ୍ଜେଇ ବୋଝେଇ ଟାଟା ସୁମୋ ଗାଡ଼ି



ଖପ୍ରାଖୋଲ,(ପିଏନ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଥାନା ଅନ୍ତର୍ଗତ ଚ଼ଚ଼ରା ଭଟ୍ଟା ଗ୍ରାମ ନିକଟରେ ଏକ ଗଞ୍ଜେଇ ଭର୍ତି ଟାଟା ସୁମୋ ଗାଡି ଶୁକ୍ରବାର ଭୋର୍ ୬ ଟା ସମୟରେ ଏକ ଦୋକାନ ଘର କୁ ମାଡ଼ିଯାଇ ଦୁର୍ଘଟଣା ଘଟିଛି ।ସୂଚ଼ନା ଅନୁସାରେ ଏକ ଗଞ୍ଜେଇ ଭର୍ତି ଗାଡି ଖପ୍ରାଖୋଲ ପଟୁ ରେଙ୍ଗାଲି ଗାଁ ପଟକୁ ଦ୍ରୁତ ଗତି ରେ ଯାଇ ଚ଼ଚ଼ରା ଭାଟା ଗାଁ ଛକରେ ଥିବା ଏକ ଦୋକାନ ଘର ଉପରେ ମାଡି ଯାଇଥିଲା ଯାହା ଫଳରେ ଘର ଭାଙ୍ଗି ଯାଇଥିବା ଜଣାପଡିଛି । ଘରେ ଶୋଇଥିବା ଦୋକାନ ମାଲିକ ଅକ୍ଷ କେ ବର୍ତ୍ତୀ ଯାଇଥିବା ବେଳେ ଗାଡି ଚ଼ାଳକ ଗୁରୁତର ଅବସ୍ଥା ଥିବାରୁ ତାଙ୍କୁ ପାଟଣାଗଡ ମେଡିକାଲ କୁ ଚ଼ିକିତ୍ସା ପାଇଁ ଆମ୍ବୁଲାନ୍ସ ରେ ନିଆଯାଇଥିବା ଜଣାଯାଇଛି ।ଖବର ପାଇ ଲାଠୋର ଥାନା ପୋଲିସ ଘଟଣା ସ୍ଥଳରେ ପହଁଚ଼ି ଦୁର୍ଘଟଣା ଗ୍ରସ୍ତ ଗାଡି ଓ ଗଞ୍ଜେଇ ଜବତ କରିଥିବା ବେଳେ ପୋଲିସ ଅଧିକ ତଦନ୍ତ ଚ଼ଳାଇଥିବା ଜଣାଯାଇଛି। ଏନେଇ ସବିଶେଷ ତଥ୍ୟ ପାଇଁ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଙ୍କୁ ଫୋନ୍ କରିଥିଲେ ମଧ୍ୟ ଉଠାଇ ନ ଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।

## ପାରାଦୀପ ବନ୍ଦରରେ ଲାଗିଲା ବିଶ୍ୱର ବୃହତ ମେଡ଼ିଟେରିଆନ ସିପିଙ୍ଗ କମ୍ପାନୀର ପ୍ରଥମ ଆମଦାନୀ ରପ୍ତାନି କଣ୍ଟେନର ପଣ୍ୟ ଜାହାଜ









ପାରାଦୀପ,(ପି.ଏନ): ଦୁନିଆର ସର୍ବ ବୃହତ କଣ୍ଟେନର ଲାଇନ ମେଡ଼ିଟେରିଆନ ସିପିଙ୍ଗ କମ୍ପାନୀର ଏସଇ ଫିଡ଼ର ଅନ୍ତର୍ଗତ ଶୁକ୍ରବାର ଦିନ ପାରାଦୀପ ବନ୍ଦରକୁ ସଟଲ ସେବାର ଶୁଭାରମ୍ଭ ହୋଇଛି । ପ୍ରଥମ ଜାହାଜ ଏମଏସି ଟାଇଗର ଏଫ ଆଜି ବନ୍ଦରର ପିଆଇସିଟି ଟର୍ମୀନାଲ ରେ ପହଞ୍ଚିଛି । ଏହାର ଦୈର୍ଘ୍ୟ ୧୫୪.୫୧ ମିଟର ଏବଂ ଓସାର ୨୫.୨୧ ମିଟର । ପାରାଦୀପ ଓ କଲମ୍ବୋ ମାର୍ଗ ଦେଇ ଏହା ମାସକୁ ୩ ଥର ଯୋଜନାବଦ୍ଧ ଭାବେ ପାରାଦୀପ ବନ୍ଦରକୁ କଣ୍ଟେନର ପଣ୍ୟ ପରିବହନ କରିବ । କଲମ୍ବୋ ଅଭିମୁଖେ ଜଳଯାତ୍ରା କରିବାକୁ ଥିବା ଏହି ଜାହାଜରେ ବେଦାନ୍ତ ର ୯୦ ଟିଇୟୁ ଆଲୁମିନିୟମ ଓ ଜିନ୍ଦଲ ଷ୍ଟିଲ ଷ୍ଟେନଲେସ ଲିମିଟେଡ୍ ର ୩୬ ଟିଇୟୁ ପଣ୍ୟ ରହିଛି । ଏହି ଐତିହାସିକ ଶୁଭାରମ୍ଭ ଅବସରରେ ଯୋଗଦେଇ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ କହିଥିଲେ ଯେ ୧୯୬୭ ମସିହାରୁ ବନ୍ଦରରେ ପଣ୍ୟ କାରବାର ଆରମ୍ଭ ହେବା ଠାରୁ ବିଗତ ୫୭ ବର୍ଷ ଧରି ପାରାଦୀପ ବନ୍ଦର ଲୁହାପଥର, କୋଇଲା ଓ ଅଶୋଧିତ ତୈଳବାହୀ ପଣ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଆସିଛି । ତେବେ କଣ୍ଟେନର ପଣ୍ୟ କାରବାଇ କ୍ଷେତ୍ରରେ ଆଜି ଏକ ବିଶେଷ ଐତିହାସିକ ଦିନ । ପାରାଦୀପ ର ପାର୍ଶ୍ୱାଞ୍ଚଳ ରେ ପ୍ରାୟ ୨ ଲକ୍ଷ ଟିଇୟୁ କଣ୍ଟେନର ପଣ୍ୟ ର ବିଶେଷ ସୁଯୋଗ ରହିଛି । ରାଜ୍ୟ ସରକାର ଓ ବନ୍ଦର କତୃପକ୍ଷ ଙ୍କ ମିଳିତ ପ୍ରୟାସରେ ଆଜି ଏହି କଣ୍ଟେନର ସେବାର ଶୁଭାରମ୍ଭ ହୋଇଛି । ପାରାଦୀପ ବନ୍ଦର ଆଗ୍ରହୀ କଣ୍ଟେନର ଲାଇନ କୁ ଜାହାଜ ସମ୍ପର୍କିତ ବ୍ୟୟ ରେ ୭୦ ପ୍ରତିଶତ ରିହାତି ପ୍ରଦାନ କରୁଛି କ୍ଷ ଯଥା କଣ୍ଟେନର ସ୍କାନିଙ୍ଗ ପାଇଁ କୌଣସି ପ୍ରକାର ଶୁଳ୍କ ଆଦାୟ କରୁନାହିଁ । ଏଣିକି ଓଡ଼ିଶାର ଆଶାୟୀ ଓ ଆଗ୍ରହୀ ଗ୍ରାହକ ମାନେ ରାଜ୍ୟ ବାହାରେ ଥିବା ବନ୍ଦର ଗୁଡିକ ଉପରେ କଣ୍ଟେନର ସେବା ପାଇଁ ଆଉ ବିଶେଷ ନିର୍ଭରଶିଳ ହେବେ ନାହଁ । ସେହିପରି ଏମଏସଏମଇ ବିଭାଗର ପ୍ରମୁଖ ସଚ଼ିବ ଶାଶ୍ୱତ ମିଶ୍ର କହିଥିଲେ ଯେ ଏହା ଏକ ହୁରୁତ୍ୱପୂର୍ଣ୍ଣ ଘଟଣା, ଯେଉଁଥିପାଇଁ ସମଗ୍ର ରାଜ୍ୟ ଦୀର୍ଘ ଦଶନ୍ଧି ଧରି ଅପେକ୍ଷା କରିଥିଲା । ଓଡିଶାରୁ କଣ୍ଟେନର ପଣ୍ୟ ର ବିପୁଳ ଉତ୍ସ ରହିଛି । ଏମଏସଇ ପରି ପାରାଦୀପ-ମାଲେସିଆ ର କ୍ଲାଙ୍ଗ ବନ୍ଦର ମଧ୍ୟରେ କଣ୍ଟେନର ପଣ୍ୟ କାରବାର ପାଇଁ କଣ୍ଟେନର ଲାଇନ ଆରସିଏଲ ସହ ରାଜ୍ୟ ସରକାର ଖୁବ ଶୀଘ୍ର ଭିଜିଏଫ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛନ୍ତି । ଏହି ଦୁଇଟି ଯାକ ଜଳପଥ ମାଧ୍ୟମରେ ରାଜ୍ୟର ଶିଳ୍ପ ଗୁଡିକୁ କଣ୍ଟେନର ଭିତିଭୂମି ଓ ପରିବହନ ବ୍ୟବସ୍ଥା ନିମନ୍ତେ ଆବଶ୍ୟକୀୟ ସହଯୋଗ ମିଳିବ । ଏହି ଅବସରରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଟ୍ରାଫିକ ମ୍ୟାନେଜର ଜି.ଏଡିସନ, ଉପ ସରଂକ୍ଷକ କ୍ୟାପଟେନ ଅଲେଖ ଚ଼ନ୍ଦ୍ର ସାହୁ, ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ଏବଂ ପିଆଇସି ଟି ଟର୍ମୀନାଲ ମୁଖ୍ୟ ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚ଼ନାଥାଉକି ପାରାଦୀପ ବନ୍ଦର ରେ ହେବାକୁ ଯାଉଥିବା ଆମଦାନୀ ରପ୍ତାନି କଣ୍ଟେନର ପରିମାଣ ୨୫୦ ଟିଇୟୁ ରୁ ଯଦି ହ୍ରାସ ପାଏ, ତେବେ ରାଜ୍ୟ ସରକାର ସମାନୁପାତିକ ଭାବେ ହ୍ରାସ ଟିଇୟୁ ରୁ ପ୍ରତି ଟିଇୟୁ ପିଛା ପିଜିଏଫ ଚୁକ୍ତି ଅନ୍ତର୍ଗତ ୨ ଶହ ଡଲାର ଅର୍ଥ ପ୍ରଦାନ କରିବେ କ୍ଷ ଏହା ସମଗ୍ର ଦେଶରେ ଏ ଧରଣର ଏକ ସ୍ୱତନ୍ତ୍ର ଚୁକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ନିର୍ବାଚନ ଘୋଷଣା ହେବାକୁ ଆହୁରି ବାକି : ହେଲେ କେନ୍ଦ୍ରାପଡା କଲେଜରେ ଏବେଠୁ ପାଠପଢା ବନ୍ଦ

କେନ୍ଦ୍ରାପଡ଼ା,(ପି.ଏନ): ଦେଶରେ ସାଧାରଣ ନିର୍ବାଚନ ଘୋଷଣା ହେବାକୁ ଅପେକ୍ଷା ଥିବା ବେଳେ ସେହି ନିର୍ବାଚନ ଆଳରେ କେନ୍ଦ୍ରାପଡା କଲେଜକୁ ଅଧିଗ୍ରହଣ କରିନେବାରେ ଏତେ ତତ୍ପରତା ଦେଖାଯାଇଛି ଯେ ସେଠି ପାଠପଢା ପକ୍ଷାଘାତ ଅବସ୍ଥାରେ ପହଞ୍ଚିଯାଇଛି। ଜାଣିବାକୁ ମିଳିଛି ଯେ ବିଶ୍ୱବ୍ୟାଙ୍କ ସହାୟତାରେ ନିକଟରେ ୫କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଅରଖ ନୂଆ ଗାନ୍ଧୀ ଭବନକୁ ସ୍ନାତକୋତ୍ତର ସହ ଅନ୍ୟାନ୍ୟ ଶ୍ରେଣୀସବୁ ଘର ଅଭାବ କାରଣରୁ ଚାଲିଆସୁଥିଲା। ସେହି ନୂଆଘରକୁ ଜିଲ୍ଲା ପ୍ରଶାସନ ସର୍ବପ୍ରଥମେ ମାଡି ବସି ନିର୍ବାଚନୀ ଆବଶ୍ୟକତା ମୁତାବକ ତା'ର କବାଟ ଓ ଝରକାକୁ ବନ୍ଦ କରାଯାଉଛି। କିଛି ନୂଆ ନିର୍ମାଣ ମଧ୍ୟ ସେହି ନୂଆ ଘରେ କରାଯାଉଛି। ଫଳତଃ ସେହି ଘରେ ଭଙ୍ଗା ତୁଟା ହେବା ସହ ଘରଟି ବିକଳାଙ୍ଗ ହୋଇଯାଉଛି ଏବଂ ଗୋଟିଏ ନୂଆ ଘରର ଅବସ୍ଥା ଏପରି ଦେଖି ଜନସାଧାରଣ ହତଚକିତ ହୋଇଯାଇଛନ୍ତି। ସେହି ଘରେ ଥିବା ଉପକରଣର ସୁରକ୍ଷା ଏହାପରେ କ'ଣ ହେବ ତାହାବି ସନ୍ଦେହରେ। ଏହି ଘର ବ୍ୟତିତ କଲେଜର ମୁଖ୍ୟ ଗୃହ ଏବଂ ନୂଆ ୟୁଜିସି/ରୁଷା କୋଠା ଉପରେ ମଧ୍ୟ ପ୍ରଶାସନ ଅଧିଗ୍ରହଣ କରିନେବା ପାଇଁ ଦୃଷ୍ଟି ପକାଇଛି ବୋଲି ଶୁଣିବାକୁ ମିଳୁଛି। ଅଥଚ ଅତୀତରେ ଏହି ନିର୍ବାଚନୀ କାମ କେବଳ ମୁଖ୍ୟ କୋଠା ମଧ୍ୟରେ ହୋଇପାରୁଥିଲା। ଏହି ନିର୍ବାଚନୀ ଅଧିଗ୍ରହଣ ପାଇଁ କଲେଜର ପାଠପଢା ପ୍ରାୟ ୩ମାସ ପାଇଁ ବନ୍ଦ ରହିବ। ପାଠପଢା ବ୍ୟତିତ କଲେଜର ପରୀକ୍ଷା ଓ ମୂଲ୍ୟାୟନ କାର୍ଯ୍ୟ ମଧ୍ୟ ପରବର୍ତ୍ତି କାଳରେ ବାଧାପ୍ରାପ୍ତ ହେବ। ନିର୍ବାଚନୀ ଆବଶ୍ୟକତା ଆଳରେ ଗତ ତିନି ଦଶନ୍ଧି ଧରି କଲେଜର ଭିତ୍ତିଭୂମିକୁ ଏତାଦୃଶ ବ୍ୟବହାର କରାଯାଇ ଆସୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ ବରଂ ପ୍ରଶାସନ ନିଜର କ୍ଷମତା ବଳରେ କଲେଜ ଗୃହକୁ ଅଧିଗ୍ରହଣ କରିନେଉଛି। ନିର୍ବାଚନ ଜାତୀୟ ଆବଶ୍ୟକତା ହୋଇଥିବା ସତ ହେଲେବି ସୁଦ୍ଧା ସବୁ ନିର୍ବାଚନ ବେଳେ ଏହି ଶିକ୍ଷାନୁଷ୍ଠାନର ପାଠପଢା ଓ ଭିତ୍ତିଭୂମି କ୍ଷୟକ୍ଷତି ହେବା ଏକ ବିଡମ୍ବନାର କଥା। ଜିଲ୍ଲାର ସର୍ବପୁରାତନ ଉଚ୍ଚଶିକ୍ଷାନୁଷ୍ଠାନ ବାରବାର ଏତାଦୃଶ ମୂଲ୍ୟ ଦେଇ ଆସିବାକୁ ଜନସାଧାରଣ ପସନ୍ଦ କରିପାରିନାହାନ୍ତି। ଆହୁରି ବିଡମ୍ବନାର କଥା ହେଲା କଲେଜ, ପ୍ରଶାସନ ଓ କଲେଜ ପରିଚାଳନା ପରିଷଦ ଏ ସମୟରେ ହାତ ଝାଡିଦେଇ ନିର୍ଦ୍ୱନ୍ଦରେ ଶୋଇ ଯାଇଛନ୍ତି। ମନେହେଉଛି ଯେପରି କାହାର କିଛି କରିବାର ନାହିଁ। ଜିଲ୍ଲାର ଅନ୍ୟାନ୍ୟ କାମ ପାଇଁ ବିକଳ୍ପ ବ୍ୟବସ୍ଥା ହୋଇପାରୁଥିବା ବେଳେ ନିର୍ବାଚନ ପାଇଁ ଯେ କାହିଁକି ହୋଇପାରୁନାହିଁ ତାହା ବୁଝିହେଉନାହିଁ। ବରଂ ଶିକ୍ଷା ପାଇଁ ସରକାରଙ୍କ ହେୟ ଓ ଖାମଖିଆଲ ଭାବର ଏହା ଅନ୍ୟ ଏକ ନିଦର୍ଶନ। ଏହାର ପ୍ରତିବାଦରେ ଜିଲ୍ଲାର ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂହଙ୍କ ନେତୃତ୍ୱରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ଅଧାପକ ପ୍ରମୋଦ ଦାସ, ତପନ କୁମାର ପତି, ଆଇନଜୀବୀ ଧ୍ରୁବ ଚରଣ ଜେନା ପ୍ରମୁଖଙ୍କ ସ୍ୱାକ୍ଷରରେ ଏହି ନିଷ୍ପତ୍ତିର ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଅନୁରୋଧ ପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରାଯାଇ ବିକଳ୍ପ ବ୍ୟବସ୍ଥା ନିମନ୍ତେ ଅନୁରୋଧ କରାଯାଇଛି।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray